
ଧରିତ୍ରୀ
DHARITRI

October 2-8, 2022 ₹ 2/-

# ଛୁଟିଦିନ



୩

ପ୍ରଚ୍ଛଦ ପ୍ରସଙ୍ଗ

## ମା’

ମା’ ସେ ଜଗଜ୍ଜନନୀ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ତାଙ୍କ ମାତୃତ୍ୱରେ ସମସ୍ତଙ୍କୁ କୋଳେଇ ନିଅନ୍ତି। ତାଙ୍କ ମମତ୍ୱ ଓ ଅଭୟ ହିଁ ଏକତ୍ରିତ କରେ ଭିନ୍ନ ଭିନ୍ନ ବର୍ଗ ଓ ସମ୍ପ୍ରଦାୟର ମଣିଷଙ୍କୁ । ସେଥିପାଇଁ ପାର୍ବଣର ଉଲ୍ଲାସରେ ଯିଏ ଯେଉଁ ଧର୍ମ ବା ଜାତିର ହୁଅନ୍ତୁନା କାହିଁକି ମା’ଙ୍କ ପୂଜା ଓ ପରମ୍ପରାକୁ ବିଧିପୂର୍ବକ ପାଳନ କରିବା ପାଇଁ ଆଗେଇ ଆସନ୍ତି...

# କେଉଁଠି ଲଗାଇବେ ମା’ ଅନ୍ନପୂର୍ଣ୍ଣାଙ୍କ ଫଟୋ

**ମା’** ଅନ୍ନପୂର୍ଣ୍ଣାଙ୍କ ଫଟୋ ହେଉ ଅବା ମୂର୍ତ୍ତିକୁ ଘରେ ରଖି ନିଷ୍ଠାର ସହ ପୂଜା କଲେ ମଙ୍ଗଳ ହେବା ସହ ସୌଭାଗ୍ୟପ୍ରାପ୍ତି ହୋଇଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ବାସ୍ତୁଶାସ୍ତ୍ରରେ ବି ଏକଥାକୁ ସ୍ୱୀକାର କରାଯାଇଛି। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ମାତାଙ୍କର ଫଟୋକୁ କେଉଁ ଦିଗରେ ରଖିଲେ ଅଧିକ ସୁଫଳ ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* ମା’ ଅନ୍ନପୂର୍ଣ୍ଣାଙ୍କ ଫଟୋକୁ ଘରର ଆଗ୍ନେୟ କୋଣରେ ଲଗାଇଲେ ଘରେ ସୁଖସମୃଦ୍ଧି ବଢ଼ିବା ସହ ସୌଭାଗ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ସେତିକି ନୁହେଁ, ଏହି କୋଣରେ ମା’ଙ୍କର ଫଟୋ ରହିଲେ ପରିବାର ଲୋକଙ୍କର ସ୍ୱାସ୍ଥ୍ୟ ଭଲ ରହିବା ସହ ଘରୁ ବାସ୍ତୁଦୋଷ ଦୂର ହୋଇଥାଏ ବୋଲି ବିଶ୍ୱାସ



ରହିଛି।

* ମା’ ଅନ୍ନପୂର୍ଣ୍ଣାଙ୍କର ସମ୍ବନ୍ଧ ଅନ୍ନ ବା ଖାଦ୍ୟ ସହ ରହୁଥିବାରୁ ମା’ଙ୍କ ଫଟୋକୁ ରୋଷେଇ ଘରେ ଲଗାଇବା ଶୁଭ ହୋଇଥାଏ। ଏହାଦ୍ୱାରା ଘରେ କେବେ ବି ଖାଦ୍ୟର ଅଭାବ ଦେଖାଯାଇ ନ ଥାଏ। ଏପରି କି ରନ୍ଧାଯାଇଥିବା ଖାଦ୍ୟ ସାତ୍ତ୍ୱିକ ହେବା ସହ ସୁସ୍ୱାଦୁ ଲାଗିଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି।

* ମା’ ଅନ୍ନପୂର୍ଣ୍ଣାଙ୍କୁ ପ୍ରସନ୍ନ କରିବାକୁ ହେଲେ ମୁଗ ଡାଲିରେ ପ୍ରସ୍ତୁତ କିଛି ବ୍ୟଞ୍ଜନକୁ ପ୍ରସାଦ ରୂପେ ଅର୍ପଣ କରି ସେହି ପ୍ରସାଦକୁ ଗୋମାତାକୁ ଖାଇବା ପାଇଁ ଦେଲେ ଘରର ଯଶ ଖ୍ୟାତି ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨-୮

**ମେଷ**



ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ, ବନ୍ଧୁଙ୍କ ସାହାଯ୍ୟ ପାଇବେ, ପଡ଼ୋଶୀଙ୍କ ଅକ୍ଷେପୋକ୍ତିରୁ ଅଶାନ୍ତି, ବ୍ୟବସାୟରେ ଉନ୍ନତି, ଋଣ ପରିଶୋଧର ଚିନ୍ତା, ପ୍ରଶାସନିକ ସଫଳତା, ସନ୍ତାନଙ୍କ କୃତିତ୍ୱ, ପାରିବାରିକ ସଦ୍‌ଭାବ ॥

**ବୃଷ**



ସ୍ୱାସ୍ଥ୍ୟ ଭଲ ରହିବ ନାହିଁ, ଧନହାନି ଘଟିପାରେ, କାମଗୁଡ଼ିକ ଅଟକି ରହିବ, ପରିଭ୍ରମଣର ସୁଯୋଗ ମିଳିବ, ମନୋରଞ୍ଜନ କାର୍ଯ୍ୟରେ ରୁଚି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଦୂରଯାତ୍ରାର ଯୋଜନା ॥

**ମିଥୁନ**



କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସମ୍ପର୍କୀୟଙ୍କ ସମାଲୋଚନା, ପଡ଼ୋଶୀଙ୍କ ଅସହଯୋଗ, ବାଣିଜ୍ୟରେ ପ୍ରତିବନ୍ଧକ, ପଦମର୍ଯ୍ୟାଦା ବୃଦ୍ଧି, ସାଧାରଣ କଥାରୁ କଳହ, ପରିବାରରେ ମତାନ୍ତର, ଆର୍ଥିକ ସଂକଟ ॥

**କର୍କଟ**



ଦୈହିକ ସୁସ୍ଥତା, ସ୍ଥଗିତ କାର୍ଯ୍ୟ ସମ୍ପନ୍ନ, ଅର୍ଥସଂକଟର ସମାଧାନ, ବନ୍ଧୁଙ୍କ ସମାଲୋଚନା, ଆନୁଷ୍ଠାନିକ କର୍ମାରମ୍ଭ, ସାମାଜିକ ସମ୍ମାନ, ଦୂରଯାତ୍ରାର ପ୍ରସ୍ତୁତି, ବ୍ୟବସାୟିକ ଉନ୍ନତି, ବିବାଦୀୟ ପରିସ୍ଥିତି ॥

**ସିଂହ**



ଧନହାନିରୁ ମନସ୍ତାପ, ବନ୍ଧୁଙ୍କ ପ୍ରେରଣା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଗାଡ଼ି ମରାମତି, ପରିଜନଙ୍କ ସହ ଭ୍ରମଣ, ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ, ଜମିଜମା କ୍ରୟବିକ୍ରୟ, ଚୁକ୍ତିପତ୍ର ସମ୍ପାଦନ, ସାମ୍ବାଦିକତାରୁ ଗୌରବ ॥

**କନ୍ୟା**



କାର୍ଯ୍ୟକୁଶଳତା, ଅନୁକୂଳ ପରିବେଶ, ନୂତନ ସମ୍ପର୍କ, ଆମଦାନୀ କାରବାରରେ କ୍ଷତି, ପରିବାରରୁ ପ୍ରତିରୋଧ, ପୂର୍ବ ପ୍ରସ୍ତୁତିରେ ବ୍ୟତିକ୍ରମ, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟାରମ୍ଭ, ଏଜେନ୍ସିପ୍‌ରେ ଉନ୍ନତି ॥

**ତୁଳା**



ନିରୁତ୍ସାହିତ ହେବେ, ବନ୍ଧୁଙ୍କ ସୁପରାମର୍ଶ, ଦୁଃସାଧ୍ୟ କାର୍ଯ୍ୟସାଧନ, କୂଟନୀତିରୁ ସଫଳତା, ପାରିବାରିକ ମତାନ୍ତର, ଭୂ-ସମ୍ପତ୍ତି ବିବାଦ, ଧର୍ମକାର୍ଯ୍ୟରେ ସମସ୍ୟା, ଅର୍ଥ ଦ୍ରବ୍ୟ ଲାଭ, ପ୍ରତିପତ୍ତି ବଢ଼ିବ, ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

**ବିଛା**



ଆଶାପୂରଣ, ମିତ୍ରଲାଭ, ନୂତନ କର୍ମାରମ୍ଭ, ବୀମାଧନ ପ୍ରାପ୍ତି, କାଉନ୍‌ସେଲିଂରେ ସଫଳତା, ଫଳପ୍ରଦ ଆଲୋଚନା, ଚୁକ୍ତିନାମାରେ ପରିବର୍ତ୍ତନ, ଅପ୍ରିୟ ଭାଷଣରୁ ମତାନ୍ତର, ବନ୍ଧୁପ୍ରୀତି, ଆନୁଷ୍ଠାନିକ ପ୍ରସ୍ତୁତି,ସନ୍ତାନ ହେତୁକ ଦୁଶ୍ଚିନ୍ତା ॥

**ଧନୁ**



ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ପାରିବାରିକ ଅସହଯୋଗ, ସ୍ୱାସ୍ଥ୍ୟ ଭଲ ରହିବନି, ବିବାଦଗ୍ରସ୍ତ ହୋଇପାରନ୍ତି, ଟେନ୍‌ସନ କମିଯିବ, ଭୁଲ୍ ବୁଝାମଣାରୁ ଅଶାନ୍ତି, ପରିବହନରେ ପ୍ରତିବନ୍ଧକ ॥

**ମକର**



ନୂଆ କାମ କରିବେ, ଅଭିଳାଷ ପୂରଣ ହେବ, ସ୍ୱାସ୍ଥ୍ୟରେ ଅବନତି, ନିଜ ଲୋକଙ୍କ ବିରୋଧାଭାସ, ଉଚ୍ଚବର୍ଗଙ୍କ ଅନୁକମ୍ପା, ବ୍ୟବସାୟରେ ଲାଭ, ବିବାଦରେ ବିଜୟ, ଗୋଷ୍ଠୀଗତ ସମର୍ଥନ, ବୃଥା ଭ୍ରମଣ, ସ୍ଥାନାନ୍ତରର ଚିନ୍ତା ॥

**କୁମ୍ଭ**



ଆର୍ଥିକ ଦୁରବସ୍ଥା, ପାରିବାରିକ ସମସ୍ୟା, ଭାବପ୍ରବଣତାରୁ ମୁଣ୍ଡବ୍ୟଥା, ଅର୍ଥପ୍ରାପ୍ତିର ସୂଚନା, ବୃତ୍ତିଗତ ଉନ୍ନତି, ପ୍ରତିଯୋଗିତାରେ ସଫଳତା, ଏକ୍ସପୋର୍ଟ କାରବାର ବଢ଼ିବ , ଯୌଥ ବ୍ୟବସାୟରେ ଝଗଡ଼ା ॥


**ମୀନ**



କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ଦ୍ୱିରୁକ୍ତି, ଦୃଢ଼ନିଷ୍ପତ୍ତି ନେବେ, ସ୍ଥାନାନ୍ତରର ଚିନ୍ତା, ଅଭିନୟରୁ ପ୍ରଶଂସା, ଅନ୍ୟମନସ୍କତାରୁ ସମସ୍ୟା, ଭ୍ରାତୃ ସମ୍ପର୍କରେ ଉନ୍ନତି, ପ୍ରତିବନ୍ଧକ ଦୂରହେବ, କଚେରି ମାମଲାରେ ବାଇଦା, ଧର୍ମକାର୍ଯ୍ୟରେ ଅସହଯୋଗ ॥

# ଗାନ୍ଧିଜୀଙ୍କ ପ୍ରିୟ ଖାଦ୍ୟ

**ଜା**ତିର ପିତା ମହାତ୍ମା ଗାନ୍ଧୀ। ସେ ଚିର ନମସ୍ୟ। ସମୟ ସିନା ବଦଳୁଥିବ, ହେଲେ ବଦଳିବ ନାହିଁ ତାଙ୍କ ପାଇଁ ସମସ୍ତଙ୍କ ମନରେ ଥିବା ଭଲ ପାଇବା। ତେବେ ତାଙ୍କର କେବଳ ନୀତି, ଆଦର୍ଶ ନୁହେଁ ତାଙ୍କ ଖାଦ୍ୟାଭ୍ୟାସ ବି ଥିଲା ବେଶ୍ ନିଆରା। ସେ ଥିଲେ ସମ୍ପୂର୍ଣ୍ଣ ଶାକାହାରୀ। ବ୍ରାଉନ୍ ରାଇସ୍ ସହ ଡାଲି ଏବଂ ବିଭିନ୍ନ ପ୍ରକାର ପନିପରିବାରେ ତିଆରି ତରକାରି ଥିଲା ତାଙ୍କର ନିତିଦିନିଆ ଖାଦ୍ୟ। ରୁଟି ଖାଇବାକୁ ବି ସେ ଖୁବ୍ ପସନ୍ଦ କରୁଥିଲେ। ବାଇଗଣ ସିଝା, ଲାଉ ସିଝା ଖାଇବା ବି ଥିଲା ତାଙ୍କର ଅତି ପ୍ରିୟ। ଗାନ୍ଧିଜୀ ସର୍ବଦା ଶୁଦ୍ଧ ଓ ସାତ୍ତ୍ୱିକ ଖାଦ୍ୟ ଖାଇବାରେ ବିଶ୍ୱାସ ରଖୁଥିଲେ। ସେ ସବୁବେଳେ ଏମିତି ଖାଦ୍ୟ ଖାଇବାକୁ ବାରଣ କରୁଥିଲେ, ଯାହାକୁ ଖାଇଲେ ମନ ବ୍ୟଗ୍ର ହେବା ସହ କ୍ରୋଧ ବଢ଼ିଥାଏ। ସେଥିପାଇଁ ସିଏ ତେଲମସଲା କି ଲୁଣ ପଡ଼ି ନ ଥିବା କେବଳ ପରିବାସିଝା ଖାଇବାକୁ ବେଶି ପସନ୍ଦ କରୁଥିଲେ। ଚିନି ମଧ୍ୟ



ଗାନ୍ଧିଜୀଙ୍କର ସେତେ ପସନ୍ଦ ନ ଥିଲା, ଆବଶ୍ୟକ ପଡ଼ିଲେ ଚିନି ବଦଳରେ ସେ ଗୁଡ଼ ଖାଉଥିଲେ। କିନ୍ତୁ ସୂଚନାନୁଯାୟୀ, ପାଚିଲା ଆମ୍ବ କୁଆଡ଼େ ଗାନ୍ଧିଜୀଙ୍କର ଖୁବ୍ ପ୍ରିୟ ଥିଲା।

## ପାଠକୀୟ

* କେବେ ସେ ଆଇ ମା’ ପେଡ଼ିର ଗପ ତ କେବେ କୃଷକର ବନ୍ଧୁ। ପାଳକୁଟାରେ ତିଆରି ମଣିଷରୂପୀ ଶରୀରରେ ଜୀବନ ନ ଥାଏ ସତ, ହେଲେ ଦେଶ ବିଦେଶରେ ସେ ବେଶ୍ ପରିଚିତ। କିଏ ତାକୁ ପାଳଭୂତ କହେ ତ କିଏ ବିଜୁକା ପୁଣି ଆଉ କିଏ କହେ ତାକୁ ସ୍କେୟାର କ୍ରୋ ଅବା ବୁଗିମ୍ୟାନ୍। ତେଣୁ ପାଳଭୂତକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ‘ଶୀଘ୍ର କରଜମୁକ୍ତ ହେବେ କିପରି’ ଏବଂ ‘କେତେ ଶୁଭ କଳାଜାଇ’ ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

*–ମୋନିକା ସ୍ୱାଇଁ, ଝାରପଡ଼ା, ଭୁବନେଶ୍ୱର*

* ପାଳକୁଟାର ଶରୀରରେ ତା’ର ଚିରାଫଟା ପୋଷାକ। ମୁଣ୍ଡ ଭାବେ ଥାଏ ତା’ର ଏକ ମାଟିହାଣ୍ଡି ଅବା କଖାରୁ। ମଣିଷ ତାକୁ ନିଜର ପ୍ରତିରୂପ ଭାବେ ଗଢ଼ିଛି। ଠିଆ କରାଇଛି ନିଜ ଜମିରେ ଜଗୁଆଳି ଭାବେ। ଇଜିପ୍ଟରୁ ଭାରତ ପୁଣି ଆମେରିକାରୁ ସାରା ୟୁରୋପ। ସାରା ପୃଥିବୀରେ ରହିଛି ଏହାର ସତ୍ତା ; ଯାହାର ନାଁ ହେଉଛି ପାଳଭୂତ। ତେଣୁ ଏଭଳି ଏକ ରୋଚକପୂର୍ଣ୍ଣ ଆଲେଖ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ପଠନଯୋଗ୍ୟ ଥିଲା। ‘ଗୋବର କଣ୍ଢେଇ’ ନାମକ ପାଠଟି ବି ତଥ୍ୟସମ୍ବଳିତ ହୋଇପାରିଥିଲା।

*–ଶକୁନ୍ତଳା ପ୍ରଧାନ, ବାଦାମବାଡ଼ି, କଟକ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍ ତଥା କବି ରବୀନ୍ଦ୍ର କୁମାର ନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ ‘ପଟେ ଚୁଡ଼ି’ ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ଏପରି କି ‘ପଦ୍ମଫୁଲ’, ‘ପାଞ୍ଚୋଟି ଏକପଦୀ’ ଆଦି କବିତାଗୁଡ଼ିକ ବି ଖୁବ୍ ମନଛୁଆଁ ଲାଗୁଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ହୋଇଥିଲା। ଖାସ୍‌କରି ଏଥିରେ ସ୍ଥାନିତ ୟାମି ଗୌତମଙ୍କ ଫଟୋଟି ସୁନ୍ଦର ଦେଖାଯାଉଥିଲା।

*–ସ୍ୱରାଜ ମହାନ୍ତି, ସିଦ୍ଧମହାବୀର ଛକ, ପୁରୀ*

* ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ମର୍ମସ୍ପର୍ଶୀ ହୋଇଥିଲା ସେତିକି ପ୍ରେରଣାଦାୟୀ ବି ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ବିନ୍ଦି ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ରୋଜି ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବି ମଜାଦାର ଲାଗୁଥିଲା।

*– ରୋଜାଲିନ୍ ଦାଶ, ଚାନ୍ଦବାଲି, ଭଦ୍ରକ*

* ‘ରକ୍ତତୀର୍ଥ ଜାଲିଆନୱାଲାବାଗ’ ସମ୍ପର୍କରେ ସହର ପୃଷ୍ଠାରୁ ପଢ଼ି ବହୁତ କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ ‘ମସ୍ତିଷ୍କ ସକ୍ରିୟକାରୀ କ୍ରିୟା’, ‘ମୁଣ୍ଡ ନା ଚୁମ୍ବକ’ ତଥା ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ‘ମଣିଷ ପିଲା ପରି ବିଲେଇ’, ‘ଜିପର୍ ବ୍ୟାଗ୍ ନୁହେଁ ପୋର୍ଟେବଲ ୱାଶିଂ ମେଶିନ୍’ ଓ ‘ବାଉଁଶ ମିଠା’ ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଲାଗୁଥିଲା ସେତିକି ତଥ୍ୟପୂର୍ଣ୍ଣ ବି ଥିଲା।

*– ମାନସୀ ପାତ୍ର, ଖଲ୍ଲିକୋଟ, ଗଞ୍ଜାମ*

## ବିଶେଷ ଚିଠି



**ପ୍ର**ଚ୍ଛଦରେ ପାଳଭୂତ
କରୁଥିଲା ସଭିଙ୍କୁ ମୋହିତ,
ତା’ସାଙ୍ଗକୁ ପୁଣି ସୃଜନର ପୃଷ୍ଠା
ମନରେ ଭରୁଥିଲା ଅପାର ନିଷ୍ଠା।
ବ୍ୟାକ୍‌ପେଜ୍ ବିବିଧା ବି ତୁମ
ଲାଗୁଥିଲା ଭାରି ଖାସ୍
ସହର ପୃଷ୍ଠା ତୁମର
ଦେଉଥିଲା ସଭିଙ୍କୁ ସାବାସ୍।
ସେଥିପାଇଁ ହେ ମୋର ପ୍ରିୟ ଛୁଟିଦିନ
ପ୍ରଣାମ ମୋହର ତୁମେ ଘେନ।

*– ରଞ୍ଜନ ବାରିକ,*
*ରାଜକନିକା, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମା’



ମା’ କେବଳ ମା’। ସେ ସନ୍ତାନର ଲାଳନପାଳନ କରନ୍ତି, ତା’ର ମଙ୍ଗଳ କାମନା କରନ୍ତି। ସଂହାର କରନ୍ତି ତ କେବଳ ଦୁଷ୍ଟ ଶକ୍ତିର। ବିନାଶ କରନ୍ତି ତ କେବଳ ପୈଶାଚିକ ପ୍ରବୃତ୍ତିର। ମା’ ସେ ଜଗଜ୍ଜନନୀ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ତାଙ୍କ ମାତୃତ୍ୱରେ ସମସ୍ତଙ୍କୁ କୋଳେଇ ନିଅନ୍ତି। ତାଙ୍କ ମମତ୍ୱ, ପ୍ରେମ ଓ ଅଭୟ ହିଁ ଏକତ୍ରିତ କରେ ଭିନ୍ନ ଭିନ୍ନ ବର୍ଗ ଓ ସମ୍ପ୍ରଦାୟର ମଣିଷଙ୍କୁ। ସେଥିପାଇଁ ପାର୍ବଣର ଉଲ୍ଲାସରେ ଯିଏ ଯେଉଁ ଧର୍ମ ବା ଜାତିର ହୁଅନ୍ତୁନା କାହିଁକି ମା’ଙ୍କ ପୂଜା ଓ ପରମ୍ପରାକୁ ବିଧିପୂର୍ବକ ପାଳନ କରିବା ପାଇଁ ସଭିଏ ଆଗେଇ ଆସନ୍ତି। ବିଶେଷ କରି ହିନ୍ଦୁଧର୍ମରେ ଦେବୀ ଦୁର୍ଗାଙ୍କୁ ମା’ ରୂପେ ପୂଜା କରାଯାଉଥିବାବେଳେ ମୁସଲମାନ ଓ ଖ୍ରୀଷ୍ଟିଆନମାନେ ମଧ୍ୟ ଏଥିରେ ନିଜକୁ ସାମିଲ କରିଛନ୍ତି। ବିଶ୍ୱମଙ୍ଗଳ ପାଇଁ, ନିଜର ତଥା ପରିବାରର ମଙ୍ଗଳ ପାଇଁ ମାତୃଶକ୍ତିଙ୍କ ଶରଣାପନ୍ନ ହୋଇଛନ୍ତି। କିଏ ମା’ଙ୍କ ମେଢ଼ ତିଆରି କରୁଛନ୍ତି ତ କିଏ ଭୋଗ ପୁଣି କିଏ କର୍ତ୍ତା ହେଇ ପୂରା ପୂଜାର ଦାୟିତ୍ୱ ନେଇଛନ୍ତି ଆଉ ଦେଖେଇ ଦେଇଛନ୍ତି ମା’ ସଭିଙ୍କର...

**ଦେବୀ ପୂଜାରେ କର୍ତ୍ତା ହୁଅନ୍ତି ମୁସଲମାନ ଦଳବେହେରା:** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ମାଣିକାଗୋଡ଼ା ଗାଁ; ଯେଉଁଠି କେଉଁ ପୂରାକାଳରୁ ହିନ୍ଦୁ ଓ ମୁସଲମାନମାନେ ମିଳିତ ଭାବେ ପାଳନ କରିଆସୁଛନ୍ତି ଦଶହରା ପର୍ବ, ଯାହା ହିନ୍ଦୁ ମୁସଲିମ ଭାଇଚାରାର ଏକ ବିରଳ ଆଉ ସୁନ୍ଦର ଦୃଶ୍ୟ। ଆଶ୍ୱିନୀ ଶୁକ୍ଳପକ୍ଷ ସପ୍ତମୀ ରାତିରୁ ଆରମ୍ଭ ହୋଇ ବିଜୟାଦଶମୀରେ ଅପରାଜିତା ହୋମରେ ସମାପ୍ତ ହୋଇଥାଏ ଏହି ପର୍ବ। ସାଧାରଣତଃ ବିଜୟା ଦଶମୀ ବା ଦଶହରାରେ ବ୍ରାହ୍ମଣମାନେ ପୂଜା କରୁଥିବା ବେଳେ ଏଠାରେ କିନ୍ତୁ ମୁସଲମାନ ଦଳବେହେରା କର୍ତ୍ତା ସାଜି ହାତରେ କୁଶବଟୁ ପିନ୍ଧି ଅପରାଜିତା ହୋମରେ ଆହୁତି ଦେଇଥାନ୍ତି। ବହୁ ପୂର୍ବରୁ ଏହି ନିଆରା ପରମ୍ପରା ଏଠାରେ ଚାଲି ଆସୁଛି। ୪ଦିନ ଧରି ଦଶହରା ପର୍ବକୁ ହିନ୍ଦୁ ଓ ମୁସଲମାନ ମିଳିମିଶି ପାଳନ କରି ଆସୁଥିବାବେଳେ ଯଜ୍ଞର ସମସ୍ତ ଖର୍ଚ୍ଚ ବହନ କରନ୍ତି ମୁସଲମାନ ପରିବାର। ଗ୍ରାମର ସବୁ ବର୍ଗର ଲୋକ ଏକାଠି ଏହି ପର୍ବର ମଜା ନେଇଥାନ୍ତି। ବିଭିନ୍ନ ଅଞ୍ଚଳରୁ ଲୋକେ ମଧ୍ୟ ଏଥିରେ ସାମିଲ ହୋଇଥାନ୍ତି ; ଯାହା ସର୍ବଧର୍ମ ସମନ୍ୱୟ ଓ ଭ୍ରାତୃଭାବର ପରିଚୟ ଦେଇଥାଏ।

ପରାମ୍ପରା ଅନୁସାରେ, ଏଠାରେ ସପ୍ତମୀ ତିଥିରେ ମା’ ଭଗବତୀଙ୍କ ପୀଠ ସମ୍ମୁଖ ମଣ୍ଡପ ପିଢ଼ା ଉପରେ ଗଜପତିଙ୍କ ପ୍ରଦତ୍ତ ଦଳବେହେରାଙ୍କ ଖଣ୍ଡା, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ମହିଷମର୍ଦ୍ଦିନୀଙ୍କ ବିଜେ ପ୍ରତିମା, ଅଷ୍ଟଧାତୁର ବିରାଟ କଟାରି ଓ ଦିବ୍ୟସିଂହପୁର ଗ୍ରାମ କନଦୁର୍ଗାଙ୍କୁ ରଖାଯାଇ ଏକାଠି ପୂଜା କରାଯାଏ। ଦଶହରା ପୂର୍ବାହ୍ନରେ ମାନସିକଧାରୀ ମା’ଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରନ୍ତି। ସନ୍ଧ୍ୟାରେ ମାଣିକଭୂୟାଁ ଠାକୁରାଣୀଙ୍କ ବିଜେ ପ୍ରତିମା କାଷ୍ଠ ମୁଷଳଙ୍କୁ ଅଣାଯାଇଥାଏ। ଠାକୁରାଣୀ, ପୂଜକ କନ୍ଧ ଜାନୀଙ୍କ ଦେହରେ ସବାର ହୋଇ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରନ୍ତି। ସନ୍ଧ୍ୟାରେ ମାଣିକଭୂୟାଁ ଠାକୁରାଣୀ ରୋଶଣି ପଟୁଆରରେ ମୁସଲମାନ ଦଳବେହେରାଙ୍କ ଦୁଆରକୁ ଆସି ଫଳ ଓ ଶୁଖିଲା ଭୋଗ ଗ୍ରହଣ କରିଥାନ୍ତି। ମା’ଙ୍କ ଭୋଗକୁ ହିନ୍ଦୁ, ମୁସଲମାନଙ୍କ ସହ ଅନ୍ୟ ସମ୍ପ୍ରଦାୟର ଲୋକ ମଧ୍ୟ ଗ୍ରହଣ କରିଥାନ୍ତି ; ଯାହା ଭାଇଚାରାର ଏକ ସୁନ୍ଦର ନିଦର୍ଶନ। ଏହାପରେ ଠାକୁରାଣୀଙ୍କ ସହ ମୁସଲମାନ ଦଳବେହେରା ଭଗବତୀଙ୍କ ପୀଠରେ ପହଞ୍ଚନ୍ତି। ଭଗବତୀଙ୍କ ପୀଠ ଆଗରେ ୩ ଦିନ ବ୍ୟାପୀ ପୂଜା ପାଉଥିବା ଗଜପତି ପ୍ରଦତ୍ତ ଦଳବେହେରାଙ୍କ ଖଣ୍ଡା, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ମହିଷମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଆଦି ପଟୁଆରରେ ସାମିଲ ହୁଅନ୍ତି। ବିରାଟ ପଟୁଆରରେ ଆସି ସମସ୍ତେ ସୋମନାଥ ଦେବଙ୍କ ମନ୍ଦିର ନିକଟରେ ପହଞ୍ଚିଥାନ୍ତି। ସେଠାରେ ଅନୁଷ୍ଠିତ ହୋଇଥାଏ ଅପରାଜିତା ହୋମ। ରାସ୍ତା ଉପରେ ଏକ ଖଟୁଲିରେ କନକଦୁର୍ଗା ଓ ମାଣିକଭୂୟାଁଙ୍କ କାଷ୍ଠ ମୁଷଳକୁ ସେବକମାନେ ଧରିଥାନ୍ତି। ପାର୍ଶ୍ୱବର୍ତ୍ତୀ ମନ୍ଦିରରେ ସୋମନାଥ ଦେବ ନିଜ ବେଢ଼ାରେ ବିଜେ କରିଥିବା ବେଳେ ଅପରପାର୍ଶ୍ୱରେ ମା’ ଦୁର୍ଗା ନିଜ ବିମାନରେ ବିଜେ କରିଥାନ୍ତି। ହୋମରେ ଦଳବେହେରା, କୋଠକରଣ, ବ୍ରାହ୍ମଣ, ପଣ୍ଡିତ, ମାନସିଂହ, ଶବର, କନ୍ଧ ଓ ଅନ୍ୟ ସମ୍ପ୍ରଦାୟର ଲୋକେ ବସନ୍ତି। ରାଜଗୁରୁ କୁଶବଟୁ ପିନ୍ଧାଇବା ପରେ ମୁସଲମାନ ଦଳବେହେରା କର୍ତ୍ତା ହୋଇ ହୋମରେ ଘୃତାହୁତି ଦିଅନ୍ତି। ଅପରାଜିତା ହୋମ ଶେଷ ପରେ ମା’ କନକ ଦୁର୍ଗାଙ୍କ ଆଖିରୁ ଶୁକ୍ଳପକ୍ଷ ସପ୍ତମୀରେ ଖୋଲା ଯାଇଥିବା ଅନ୍ଧପୁଟଳି ବିଜୟା ଦଶମୀରେ ପୁଣି ବନ୍ଧା ହୋଇଥାଏ। ମା’ଙ୍କ ଆଖିରୁ ବର୍ଷକର ୩୬୫ ଦିନ ମଧ୍ୟରୁ କେବଳ ୪ଦିନ ପାଇଁ ଅନ୍ଧ ପୁଟୁଳି ଖୋଲାଯାଇଥାଏ। ହୋମ ଶେଷରେ ମା’ କନକ ଦୁର୍ଗାଙ୍କ ଆଖିରେ ଅନ୍ଧପୁଟଳି ବାନ୍ଧିବା ପରେ ଅପରାଜିତା ହୋମ ଉଦ୍‌ଯାପିତ ହୋଇଥାଏ। ହୋମ ପରେ ଶୁଖିଲା ପ୍ରସାଦ ହିନ୍ଦୁ, ମୁସଲମାନଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନେ ସେବନ କରିଥାନ୍ତି। ଜୟଧ୍ୱନି, ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହୋଇଥାଏ ପରିବେଶ। ହୋମ ସମାପ୍ତି ପରେ ଠାକୁରାଣୀ ପଟୁଆରରେ ନିଜ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ନିଆରା ପୂଜା ପରମ୍ପରା ସମ୍ପର୍କରେ ମାଣିକାଗୋଡ଼ାର ଆଇନଜୀବୀ ***ଅମିୟ ପଟ୍ଟନାୟକ*** କୁହନ୍ତି, ଆମ ଗ୍ରାମରେ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଛି। ହିନ୍ଦୁ ଦେବଦେବୀଙ୍କ ପୂଜା ମୁସଲମାନ ସମ୍ପ୍ରଦାୟ ଏବଂ ମୁସଲମାନଙ୍କ ପର୍ବରେ ହିନ୍ଦୁମାନେ ପରସ୍ପରକୁ ଶୁଭେଚ୍ଛା ବାର୍ତ୍ତା ଦେଇଥା’ନ୍ତି। ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସୁସମ୍ପର୍କ ରହିଛି। ମୁସଲମାନମାନଙ୍କ ଇଦ୍, ମହରମରେ ହିନ୍ଦୁମାନେ ଅତି ଆଗ୍ରହର ସହ ସାମିଲ ହୋଇଥାନ୍ତି। ସେହିପରି ***ଅବଦୁଲ ଜବାର ଖାଁ କୁହନ୍ତି,*** ‘ପୁରୀ ଗଜପତି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମାଣିକାଗୋଡ଼ା ଠାକୁରାଣୀଙ୍କ ନିକଟରେ ନିଆରା ଦଶହରା ପର୍ବର ପରମ୍ପରା ଅତି ପ୍ରାଚୀନ। ଏଠି ସମସ୍ତେ ମିଳିମିଶି ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ପୂର୍ବକ ଉତ୍ସବ ପାଳନ କରନ୍ତି।’ ***ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କୁହନ୍ତି,*** ‘ଏହା ମାଣିକାଗୋଡ଼ାର ଗଣପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁସଲମାନଙ୍କ ଦ୍ୱାରା ଠାକୁରାଣୀଙ୍କୁ ସମର୍ପିତ ପ୍ରସାଦକୁ ହିନ୍ଦୁ ଭାଇମାନେ ଅତି ଆଦରର ସହ ଗ୍ରହଣ କରିଥାନ୍ତି। ସବୁଠି ଦଶହରା ଉତ୍ସବ ତ ପାଳିତ ହୋଇଥାଏ କିନ୍ତୁ ଏଠି ଭାଇଚାରାର ପରିଚୟ ବହନ କରେ। ଉଭୟ ସମ୍ପ୍ରଦାୟ ଏହାକୁ ଅତି ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ଏହି ନିଆରା ପରମ୍ପରା ଦେଖିବାକୁ ମାଣିକାଗୋଡ଼ାରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

**ମା’ଙ୍କ ସାଜସଜ୍ଜାରେ ମୁସଲମାନ ପରିବାର:** କଟକ ବାଙ୍କା ବଜାରର ମସଜିଦ୍ ଗଳିରେ ବାସ କରନ୍ତି ବିଶିଷ୍ଟ ମେଢ଼ ଶିଳ୍ପୀ ସୟଦ ଅସଲମ ଅଲ୍ଲୀ। ଷାଠିଏ ଦଶକରୁ ପିଢ଼ି ପରେ ପିଢ଼ି କଟକ,

→

# ସର୍ବଧର୍ମ ସମନ୍ୱୟ ଆମ ପରମ୍ପରା

**ଚୌଧୁରୀ ବରଦାପ୍ରସନ୍ନ ଦାସ,** ଗବେଷକ (ସର୍ବଧର୍ମ ସମନ୍ୱୟ)



**ସ**ର୍ବଧର୍ମ ସମନ୍ୱୟ ଭାରତର ଏକ ବିଶେଷତ୍ୱ ; ଯାହାର ଉଦାହରଣ ଦେଖିବାକୁ ମିଳେ ବିଭିନ୍ନ ପୂଜାପାର୍ବଣରେ। ଯେମିତିକି ଦୁର୍ଗାପୂଜା। ଏଥିରେ କେବଳ ହିନ୍ଦୁମାନେ ନୁହନ୍ତି ଉଭୟ ମୁସଲମାନ ଓ ଖ୍ରୀଷ୍ଟିଆନମାନେ ସାମିଲ ହୋଇଥାନ୍ତି। ଭାରତରେ ବିଶେଷକରି ଓଡ଼ିଶାରେ ସବୁ ଧର୍ମର ଲୋକେ ଊଣା ଅଧିକେ ଦୁର୍ଗାପୂଜାରେ ସାମିଲ ହୋଇଥାନ୍ତି। ସମସ୍ତଙ୍କ ପାଇଁ ଏହା ହୋଇଥାଏ ଆନନ୍ଦ ଓ ଉଲ୍ଲାସର ସମୟ। ଏଇ କ୍ରମରେ ଦେଖିବାକୁ ଗଲେ ଖୋର୍ଦ୍ଧା ଜିଲାର ମାଣିକାଗୋଡ଼ା, ଗଡ଼ବାଣୀକିଲୋ, କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ପୁରୀ, ଝାରସୁଗୁଡ଼ା ଆଦି ସ୍ଥାନରେ ମୁସଲମାନ ପରିବାର ଶ୍ରଦ୍ଧାରେ ଦେବୀପୂଜାରେ ସାମିଲ ହେଉଛନ୍ତି। ମାଣିକାଗୋଡ଼ାରେ ଏବେ ଦଳବେହେରା ସେକ୍ ଅନିସୁର ରେହମାନ ଏହି ପରମ୍ପରାକୁ ତୁଲାଉଥିବାବେଳେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜାରେ ମୁସଲମାନ ଓ ଖ୍ରୀଷ୍ଟିଆନମାନେ ହିନ୍ଦୁମାନଙ୍କ ସହ ମିଶି ପୂଜା କରୁଛନ୍ତି। କନ୍ଧମାଳର ଦଙ୍ଗା ସମୟରେ ସିମନବାଡିଠାରେ ଗ୍ରାମର କାଥୋଲିକ ଖ୍ରୀଷ୍ଟିଆନ ସାଧୁ ନାୟକଙ୍କ ନେତୃତ୍ୱରେ ଶ୍ରଦ୍ଧାର ସହ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନମାନେ ମିଶି ଦେବୀ ପୂଜା କରୁଥିଲେ। ଏତେବଡ଼ ଦଙ୍ଗା ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଓଡ଼ିଶାର ବହୁ ସ୍ଥାନରେ ମୁସଲମାନ ଓ ଖ୍ରୀଷ୍ଟିଆନମାନେ ପୂଜା ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ଜଗତ୍‌ସିଂହପୁରର ସେଣ୍ଟ୍ରାଲ୍ ମାର୍କେଟ ବଣିକ ସଂଘ ପୂଜା କମିଟିର ସମ୍ପାଦକ ଶେଖ ସଫାଏତ ମା'ଙ୍କ ପୂଜାରେ ସବୁବେଳେ ଅଗ୍ରଣୀ ଭୂମିକା ନେଇଥାନ୍ତି। ପୁରୀର ବୀରରାମଚନ୍ଦ୍ରପୁର ପରି ବ୍ରାହ୍ମଣ ଶାସନ ଗ୍ରାମରେ ଅହମ୍ମଦପୁରର ମୁସଲମାନ ପାଇକ ମୁଖ୍ୟଙ୍କ ମସ୍ତକରେ ମନ୍ଦିର ତରଫରୁ ଶାଢ଼ି ବନ୍ଧା ହେବାର ପରମ୍ପରା ସତରେ ଅନନ୍ୟ। ଏସବୁକୁ ଦେଖିଲେ ଏତିକି ଜଣାପଡ଼େ ଯେ, ଆମ ରାଜ୍ୟ ହେଉ କି ଆମ ଦେଶରେ ପରସ୍ପରର ଧର୍ମକୁ ଶ୍ରଦ୍ଧା ଓ ସମ୍ମାନ ଦେବା ସତରେ ଏକ ସୁନ୍ଦର ପରମ୍ପରା ; ଯାହା ସଭିଙ୍କ ପାଇଁ ମଙ୍ଗଳକର।

ଭୁବନେଶ୍ୱର ସହିତ ରାଜ୍ୟର ଅଧିକାଂଶ ପୂଜାମଣ୍ଡପର ଆକର୍ଷଣ ବଢ଼ାଉଥିବା ତାରକସି ମେଢ଼ ଓ ଜରି ମେଢ଼ ନିର୍ମାଣରେ ଏହି ମୁସ୍‌ଲିମ ପରିବାର ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଗଣେଶପୂଜା ମଣ୍ଡପଠାରୁ ଆରମ୍ଭ କରି ଦୁର୍ଗା ମଣ୍ଡପ, ଲକ୍ଷ୍ମୀପୂଜା ମଣ୍ଡପ, କାଳିପୂଜା ମଣ୍ଡପ ସଜାସଜି ପାଇଁ ସମସ୍ତେ ଖୋଜନ୍ତି ସୟଦ ଅସଲମ ଅଲ୍ଲୀଙ୍କୁ। ଷାଠିଏ ଦଶକରେ କଟକ ବାଙ୍କା ବଜାରରେ ଜେଜେବାପା ମେହେବୁବ ଅଲ୍ଲୀ ପ୍ରଥମେ ଓଭରଫ୍‌ରେ ମଇଦା ଅଠା ଲଗାଇ ମେଢ଼ ତିଆରି କରି କଟକ ସହରର ଭିନ୍ନ ଭିନ୍ନ ପୂଜା ମଣ୍ଡପକୁ ଯୋଗାଇ ଆସୁଥିବାବେଳେ ୧୯୮୦ ମସିହାରୁ ବାପା ଅମିର ଅଲ୍ଲୀ ଏହି ଜରିମେଢ଼ କାମରେ ନିଜକୁ ନିଯୁକ୍ତି କରିଥିବା କୁହନ୍ତି ମେଢ କାରିଗର ସୟଦ ଅସଲମ ଅଲ୍ଲୀ। ୧୯୯୦ ମସିହା ପରଠାରୁ ବାପାଙ୍କୁ ଏହି ମେଢ଼ କାରିଗରିରେ ସହାୟତା କରି ପରବର୍ତ୍ତୀ ସମୟରେ ନୂଆ ଡିଜାଇନର ତାରକସି, ବୁଲିଆନ କାମରେ ଖଚିତ ମେଢ଼ ତିଆରି କରି ବେଶ୍ ସୁନାମ ଅର୍ଜନ କରିବା ସହ ଜୀବିକା ନିର୍ବାହ କରୁଛନ୍ତି ସୟଦଙ୍କ ପରିବାର। ଯାହାଙ୍କ ମେଢ଼ ରାଉରକେଲା, ବ୍ରହ୍ମପୁର, କଟକ, ଭୁବନେଶ୍ୱର, ରାଜଗାଙ୍ଗପୁର ସହିତ ହାଇଦ୍ରାବାଦରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ମୁସଲିମ ଧର୍ମର ହୋଇଥିଲେ ମଧ୍ୟ ଜଗନ୍ନାଥ ସଂସ୍କୃତି ଅନୁସରଣରେ ପବିତ୍ର ଅକ୍ଷୟତୃତୀୟାରେ ପ୍ରଥମେ ମେଢ଼ ପାଇଁ ବାଉଁଶକଟା କାର୍ଯ୍ୟ ଆରମ୍ଭ କରିଥାନ୍ତି। ପଞ୍ଚୁକ ଶେଷ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ମେଢ଼ ନିର୍ମାଣ କାର୍ଯ୍ୟ ଶେଷ ହୋଇଥାଏ। ପୁଣି ବାହାଘର ଋତୁରେ ବାହାମୁକୁଟ କାର୍ଯ୍ୟ ଆରମ୍ଭ କରି ରାଜ୍ୟର କୋଣ ଅନୁକୋଣକୁ ଯୋଗାଇଥାନ୍ତି ବ୍ୟବସାୟିକ ଉଦ୍ଦେଶ୍ୟରେ। ହିନ୍ଦୁ ସଂସ୍କୃତିର ସମସ୍ତ ପୂଜାପାର୍ବଣ, ବାହାଘର କାର୍ଯ୍ୟରେ ଆବଶ୍ୟକ ମୁକୁଟ ତିଆରି କରି ନିଜ ପରିବାର ପ୍ରତିପୋଷଣ ସହ ଉଭୟ ଧର୍ମ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରୁଥିବାରୁ ଗର୍ବ ଅନୁଭବ କରନ୍ତି ଏହି ମୁସଲିମ ପରିବାର। ଏହି ପରିବାରର ବିଶିଷ୍ଟ ଜରିମେଢ଼ ଶିଳ୍ପୀ ସୟଦ ଅସଲମ ଅଲ୍ଲୀ କୁହନ୍ତି, ତିନିପିଢ଼ି ଧରି ମୋ ପରିବାରକୁ ପରିଚୟ ସହ ଜୀବନ ଜୀବିକା ଦେଉଛି ହିନ୍ଦୁ ସଂସ୍କୃତି। ପୂଜା ପାର୍ବଣରେ ଜରିମେଢ଼, ତାରକସି ମେଢ଼ ପ୍ରସ୍ତୁତ କରିବା ସହ ଅନେକ ଅନୁଷ୍ଠାନ ଓ ପୂଜା ମଣ୍ଡପରୁ ସମ୍ମାନିତ ହେଉଥିବାରୁ ଖୁବ୍ ଖୁସି ଲାଗେ। ଏବେ ମୋ ପାଖରେ ମୋ ପରିବାର ୫ ଜଣ ସଦସ୍ୟ ସହ ୨୨ଜଣ କାରିଗର କାମରେ ନିୟୋଜିତ ଅଛନ୍ତି। ଗୋଟିଏ ମେଢ଼ ତିଆରି ପାଇଁ ୨୦ରୁ ୨୫ଦିନ ଲାଗିଥାଏ। ଯଦିଓ ମୁଁ ଇସଲାମ ଧର୍ମର କିନ୍ତୁ ମୋ ଜୀବନଜୀବିକା ହିନ୍ଦୁ ସଂସ୍କୃତି ସହ ଜଡିତ, ମୋ କାମ ଭାଇଚାରାର ବାର୍ତ୍ତା ଦିଏ ଯାହାକୁ ନେଇ ମୁଁ ଗର୍ବ ଅନୁଭବ କରେ। ଆଉ ଜଣେ ତାରକସି କାରିଗର ଏସ୍.କେ. ସକିବ ରସିଦ କୁହନ୍ତି, 'ମୁଁ ହୋଟେଲ ମ୍ୟାନେଜମେଣ୍ଟ ପଢ଼ି ସାରିବା ପରେ କୌଣସି ନିଯୁକ୍ତି ପାଇଲି ନାହିଁ। ଦାଦାଙ୍କ ପରିବାର ଏହି ଜରିମେଢ଼ କାମ କରୁଥିଲେ, ଯାହାକୁ ଦେଖିବା ପରେ ମୁଁ ତାରକସିରେ ମେଢ଼ ନିର୍ମାଣ ଶିଖିଗଲି। ଏବେ ଏହି କାମ ମୋତେ କେବଳ ରୋଜଗାର ଦେଇନି, ସମ୍ମାନ ଦେବା ସହ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛି।

**୨୦ ବର୍ଷ ହେବ ମା'ଙ୍କ ପୂଜା ଦାୟିତ୍ୱରେ ମୁସଲିମ୍ ପରିବାରଃ**

ଦୀର୍ଘ ୨୦ବର୍ଷ ହେଲା କଟକ, ମାଲଗୋଦାମ ଦୁର୍ଗାପୂଜା କମିଟିର ସମ୍ପାଦକ ଦାୟିତ୍ୱରେ ରହି ମା' ଦୁର୍ଗାଙ୍କ ପ୍ରସାଦ ପ୍ରସ୍ତୁତିଠାରୁ ଆରମ୍ଭ କରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେଉଛନ୍ତି ସୟିଦ ନିଜାମୁଦ୍ଦିନ ମହମ୍ମଦଙ୍କ ପରିବାର। ବଡଭାଇ ମୁସ୍ତାଫିଜ ଅହମ୍ମଦ ମାଲଗୋଦାମ ପୂଜାକମିଟିର ଫାଉଣ୍ଡର ସଦସ୍ୟ ଥିଲେ। ଯାହାଙ୍କୁ ସମସ୍ତଙ୍କୁ ଭଲ ପାଉଥିଲେ ସମ୍ମାନ ଦେଉଥିଲେ। ଭାଇଚାରା ସୃଷ୍ଟି କରୁଥିଲେ ବୋଲି ଲୋକଙ୍କର ବେଶ୍ ଶ୍ରଦ୍ଧା ଥିଲା ତାଙ୍କ ପ୍ରତି। ତାଙ୍କରି ପ୍ରେରଣାରେ ଏହି ଭାଇଚାରା ସମ୍ପର୍କକୁ ଆଗକୁ ବଜାୟ ରଖିବା ଲକ୍ଷ୍ୟରେ ପୂଜା କମିଟିରେ ସାମିଲ ହେଲେ ସୟିଦ ନିଜାମୁଦ୍ଦିନ । ସେ କୁହନ୍ତି, ମା'ଙ୍କ ପୂଜା କମିଟିରେ ରହି କେବଳ ମୁଁ ନୁହେଁ ମୋ ପରିବାର ମଧ୍ୟ ନିଜକୁ ଗୌରବାନ୍ୱିତ ମନେକରୁଛନ୍ତି। ଯେଉଁଥିପାଇଁ ମୋର ପୂରା ପରିବାର ମୋତେ ସାହାଯ୍ୟ କରିଥାନ୍ତି। ପ୍ରତ୍ୟେକ ବର୍ଷ ମୋର ପରିବାରର ସମସ୍ତ ସଦସ୍ୟ ନବମୀ ପୂଜାରେ ନିଜକୁ ସାମିଲ କରି ମା'ଦୁର୍ଗାଙ୍କ ଦର୍ଶନ କରିଥାନ୍ତି। କଟକର ଦୁର୍ଗାପୂଜା ସବୁବେଳେ ସ୍ୱତନ୍ତ୍ର। ପୂଜା କମିଟିଗୁଡିକ ମଧ୍ୟରେ ସାଜସଜ୍ଜାକୁ ନେଇ ପ୍ରତିଯୋଗିତା ଲାଗିଥିଲେ ହେଁ ଭାଇଚାରା ସହକାରେ ପୂଜା କାର୍ଯ୍ୟ ଚାଲି ଥିବାରୁ ସମସ୍ତେ ଉତ୍ସାହିତ ଥାଆନ୍ତି। ସମସ୍ତଙ୍କର ଆନ୍ତରିକତା ବି ରହିଥାଏ। ଯେଉଁଥିପାଇଁ ମୁଁ ୧୯୮୦ ମସିହାରୁ ଏଯାଏ କମିଟିରେ ରହି ଦାୟିତ୍ୱ ତୁଲାଇ ଆସୁଛି।



ସୟିଦ ନିଜାମୁଦ୍ଦିନ ମହମ୍ମଦ

ସତ କହିବାକୁ ଗଲେ ପରମ୍ପରା, ଉତ୍ସବ ସବୁ ମଣିଷ ତିଆରି କରିଛି ଯାହା ସମସ୍ତଙ୍କ ଖୁସି ପାଇଁ। ଆଉ ଏହି ଖୁସିରେ ଯଦି ସମସ୍ତେ ସାମିଲ ନ ହୋଇପାରିଲେ ତା'ହେଲେ ଏହାର ଅର୍ଥ କିଛି ନାହିଁ। ଏହି କଥାକୁ ଅନୁଭବ କରି ଏମାନେ ଜାତିଧର୍ମରୁ ଊର୍ଦ୍ଧ୍ୱରେ ରହି ମା' ଦୁର୍ଗାଙ୍କୁ ଆବାହନ କରି ତାଙ୍କ ଆଶୀର୍ବାଦ ଲାଭ କରିବା ସହ ଦୁନିଆକୁ ଏହି ବାର୍ତ୍ତା ଦେଉଛନ୍ତି ଯେ, ମା' ସମସ୍ତଙ୍କର।



ସୟଦ ଅସଲମ୍ ଅଲ୍ଲୀ



ଦେବୀ କନକଦୁର୍ଗା



ପରିବାର ସହ ସୟିଦ ନିଜାମୁଦ୍ଦିନ ମହମ୍ମଦ



ଅପରାଜିତା ହୋମରେ ଦଳବେହେରାଙ୍କ ସମେତ ଅନ୍ୟ ସମ୍ପ୍ରଦୟର ବ୍ୟକ୍ତି ବିଶେଷ

–ରୋଜାଲିନ୍ ମହାନ୍ତି

ପ୍ରଭାତ ପାଣିଗ୍ରାହୀ, ପୁରୁଷୋତ୍ତମ ସାହୁ





# ଦେବୀ





## ଦେବୀତ୍ୱ

– ସୁଚେତା ମିଶ୍ର

ସେ ଅମୃତ କଳସୀକୁ ଛାତିରେ ଧରି
ଜୀବନ ବାଣ୍ଟୁଛି
ଓଦାକାଠ ଭଳି
କେବେଠୁ ଧୂଆଁ ଧୂଆଁ ଜଳିବି
ପୃଥିବୀର ଭୋକ କଥା ଭାବୁଛି
ସମ୍ପର୍କର ଟୁକୁଡ଼ା କନା ସବୁ ସିଲେଇ କରୁଛି
ଦୁଇଟି କଅଁଳ ପତ୍ର ବାହାରିବ ବୋଲି
ଅସଂଖ୍ୟବାର
ବସୁଧା ଭଳି ଫାଟିଯାଉଛି
ସାରା ବ୍ରହ୍ମାଣ୍ଡକୁ କୋଳରେ ଖେଳେଇ
ନିଜେ ଗୁମ୍ଫା ଭିତରେ ରହୁଛି ।

ମୋ: ୯୯୩୭୧୫୯୮୯୧

## ମାଗୋ ଭଗବତୀ

– ଅନୀତା ପାଣି

ମାଗୋ ଭଗବତୀ ଅଜ୍ଞାନ ଅନ୍ଧାରେ
ମିହିର ଦୀପ ନଗରୀ,
ମହାମୂର୍ଖ ହୃଦେ ପ୍ରଜ୍ୱଳିତ କର
ଜ୍ଞାନ ତେଜ ସୁନାକେରୀ ।
ଘେନ ଦେବୀ ପ୍ରଣିପାତ
ଜଡତ୍ୱ ବିନାଶି ଚେତନାର ମୃଦୁ
ଦିବ୍ୟଧାରା ପ୍ରଭାବିତ ।

ମୋ: ୮୩୨୭୭୦୫୯୭୦

## ମହିଷମର୍ଦ୍ଦିନୀ

–ମଞ୍ଜୁବାଳା ପଣ୍ଡା

ମାଆ ଗୋ !
କେବଳ ପ୍ରତୀକ ଅବା ପ୍ରତ୍ୟୟର ନୁହଁ
ପ୍ରତ୍ୟକ୍ଷରେ ତୁ ଆ'
ବାଣ୍ଟି ହେଇ ଯା'
ସୂକ୍ଷ୍ମାତିସୂକ୍ଷ୍ମ ରୂପରେ
ତୋର ପ୍ରତ୍ୟେକ ପ୍ରତିରୂପଙ୍କ କୋଷରେ କୋଷରେ !
ସେମାନେ ସମସ୍ତେ
ତୋ ଔଜ୍ଜ୍ୱଲ୍ୟରେ ହୋଇ ଓଜସ୍ୱିନୀ
ତୋ ତେଜରେ ହୋଇ ତେଜସ୍ୱିନୀ
ସ୍ୱହସ୍ତରେ ସଂହାର କରନ୍ତୁ
'ଭାଣ୍ଡବାବା' ରୂପୀ ମହିଷାସୁରଙ୍କୁ
ଏବଂ ପ୍ରତ୍ୟେକେ ହୁଅନ୍ତୁ ଜଣେ ଜଣେ
ମହିଷମର୍ଦ୍ଦିନୀ !!

ମୋ: ୯୪୩୭୧୫୧୪୦୫

## ଦେବୀ

–ସୁରେଶ ନାୟକ

ରେଣୁ ରେଣୁ ଭଲପାଇବା
ଓ ଲୁହ-ଲହୁ ଠୁଳାଇ
ଗଢ଼ିଲି ଯେଉଁ ପ୍ରତିମା
ସିଏ କ'ଣ ତୁ
ଦେବୀ !!
ଏବେ ମୁଁ ବିଲ୍‌କୁଲ ଖାଲି
ଶୂନ୍ୟସ୍ଥାନ,
ରକ୍ତାଭିଷେକ ତୋର କରାଇବି
କେଉଁ ରକ୍ତରେ ଦେବୀ (?)

ମୋ: ୯୦୪୩୦୮୭୪୫୬

## ମହିଷା

–ପବିତ୍ର ମୋହନ ଦାଶ

ମୁଁ ବିବଶ, ଅବସନ୍ନ
ହେଲେ ନୁହେଁ ଲଜ୍ଜିତ, ବିଷର୍ଣ୍ଣ
ବରଂ ଗର୍ବିତ ଯେଣୁ
ମୋର ଦୁରାଚାର ଯୋଗୁ
ସମ୍ଭବିଛି ତୁମ ଦେବୀ ଜନ୍ମ ।

ମୋ: ୯୪୩୭୨୦୭୫୪୮

## ଆବାହନ

–ପଦ୍ମଜା ଶରଣ

ନିଅ ମାଟି ମୁଠେ ମୋ ଅଗଣାରୁ
ଗଢ଼ିବ ଦେବୀର ଦେହ....
ହୁସିଆର୍
ଝାଙ୍କି ଚାହିଁବ ନାହିଁ ଭିତରକୁ
ନ ହେଲେ ସେ ମାଟି ମୁଠାକରେ
ଆଉ ହୋଇଯିବି ମୁଁ
ଗୋଟେ ବହୁ ଭୋଗ୍ୟା ଦେହ.....
ଗଢ଼ୁଛୁ ଯଦି ଗଢ଼ ମତେ ସୁନ୍ଦର କରି
ଯେମିତି ତୋ ଇଚ୍ଛା
ମୋ କବରୀ, କଣ୍ଠ
ନାଭି, ନିତମ୍ବ
କଟି, କଟାକ୍ଷ ସବୁକିଛି
ହେଲେ ଗଢ଼ିବୁନି ତତେ ଜନ୍ମ ଦେବାକୁ
ଗୋଟେ ଜରାୟୁ ।

ମୋ: ୯୨୩୮୫୮୯୯୧୪







# ପରିବର୍ତ୍ତନର ବାର୍ତ୍ତା ଦିଏ ସାହିତ୍ୟ



ଦୀର୍ଘ ୫ ଦଶନ୍ଧି ଧରି ତାଙ୍କର ସାଧନା ଜାରି ରହିଛି। ସାହିତ୍ୟର ବିଭିନ୍ନ ଦିଗରେ ସେ କଲମ ଚାଳନା କରି ରଚନା କରିଛନ୍ତି ଶତାଧିକ ପୁସ୍ତକ। ଏକାଧାରାରେ ସେ ଜଣେ ଗୀତିକବି, ଗାଳ୍ପିକ, ଶିଶୁ ସାହିତ୍ୟିକ, ନାଟ୍ୟକାର, ନିର୍ଦ୍ଦେଶକ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର, କଳାକାର, ଚିକିତ୍ସକ ଓ ଶିକ୍ଷାବିତ୍। ତାଙ୍କ ରଚିତ ଏକାଧିକ ନାଟକ ବେତାର, ଦୂରଦର୍ଶନ ଓ ନାଟ୍ୟମଞ୍ଚରେ ମଞ୍ଚସ୍ଥ ହୋଇସାରିଛି। ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କ ସାଧନାର ବହୁମୁଖୀ ପ୍ରତିଭାକୁ ମିଳିଛି ଅନେକ ପୁରସ୍କାର ଆଉ ସମ୍ମାନ। ସେ ହେଲେ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅନ୍ତର୍ଗତ ଜଗନ୍ନାଥପ୍ରସାଦରେ ୮।୨।୧୯୫୧ରେ ଜନ୍ମଗ୍ରହଣ କରିଥିବା ଉପେନ୍ଦ୍ରଙ୍କ ପିତାଙ୍କ ନାମ ଦୈତାରୀ ନାୟକ ଓ ମା' ଚିତ୍ରକଳା ନାୟକ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରରେ। ସେ କୁହନ୍ତି, ଯେତେବେଳେ ମୁଁ ଦୁଇବର୍ଷର ହୋଇଥିଲି ସେତେବେଳେ ବାପାଙ୍କ ଦେହାନ୍ତ ହୋଇଥିଲା। ଏଥିଯୋଗୁ ମୋର ପିଲାଦିନ ମାମୁଘରେ ବିତିଥିଲା। ଜଗନ୍ନାଥପ୍ରସାଦ ସ୍କୁଲରେ ମୋର ପ୍ରଥମରୁ ଏକାଦଶ ଯାଏ ପଢ଼ା ସରିଛି। ସେତେବେଳେ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିଲି। ତା'ପରେ ଭଦ୍ରକ କଲେଜରେ ବିଜ୍ଞାନ ପଢ଼ିଲି। ପରେ କୋଲ୍‌କାତା ଯାଇ ହୋମିଓପାଥିକ କଲେଜରେ ଡିଏମ୍.ଏସ୍ ଏବଂ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ.ଏ. ସହ ପିଏଚ୍‌ଡି ସାରିଲି। ଏହାପରେ କେନ୍ଦୁଝର ଜିଲା ଆଦିବାସୀ ଅଞ୍ଚଳର ଏକ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ ଚାକିରି କଲି। ପରେ ଉତ୍କଳମଣି ହୋମିଓପାଥିକ ମେଡିକାଲ କଲେଜରେ ଯୋଗଦେଲି। ସମୟକ୍ରମେ ଆସୋସିଏଟ୍ ପ୍ରଫେସର ଓ ପରେ ପୂର୍ବତନ ଅଧକ୍ଷ ହୋଇ ୨୦୦୯ରେ ଅବସର ନେଇଛି। କିନ୍ତୁ ୧୯୭୪ରୁ ମୁଁ ବିଭିନ୍ନ କାବ୍ୟକବିତା ଲେଖିଆସୁଛି। ସେତେବେଳେ 'ଆସନ୍ତାକାଲି'ରେ ମୋର ଅନେକ ଲେଖା ପ୍ରକାଶ ପାଇଛି। ଆତ୍ମଜୀବନୀ 'ସ୍ମୃତିର ନଦୀତୀରେ'ରେ ମୁଁ ମୋ ଅନୁଭୂତିର ଅନେକ କଥା ଲେଖିଛି। ଏମିତିରେ ଶତାଧିକ ପୁସ୍ତକ ପ୍ରକାଶିତ ହୋଇସାରିଲାଣି। ଶାନ୍ତା ଋଷିଶୃଙ୍ଗ, ବୈଶାଖ ସକାଳ, କେତେ ସ୍ୱପ୍ନ କେତେ ଅଭିମାନ, ହିନ୍ଦୀରେ-ଜୀବନଖେଲ ଓ ବଙ୍ଗଳାରେ ଫୁଲେର୍ ଠିକଣା ଅନୁବାଦ କରିଛି। ନାଟକ ଭାବେ ମହିଷାସୁର ବଧ, ଚକ୍ରବ୍ୟୂହ, ଶୁଭଲଗ୍ନ, ନୀଳବହ୍ନି, ଶକ୍ତିଭେଦ, ଡାକଘର ଆଦି ୪୦ଟି ଓ ଉପନ୍ୟାସ ଆକାରରେ ତ୍ରୟୋଦଶୀର ଜହ୍ନ, ରକ୍ତାକ୍ତ ମୟୂରୀ ଆଦି ପ୍ରକାଶିତ ହୋଇଛି। ସେହିପରି ମନୋଗ୍ରାଫ୍-ଶତାୟୁ ସାଧକ ନିତ୍ୟାନନ୍ଦ ମହାପାତ୍ର, ଶିଶୁସାହିତ୍ୟ ଭାବେ ବିପ୍ଳବୀ ପ୍ରାଣନାଥ, ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ, ବାଘ ରାଇଜରେ ମେଘ, ସୁନା ଚଢ଼େଇ ରୂପାଚଢ଼େଇ ଆଦି ୧୮ଟି ଶିଶୁସାହିତ୍ୟ ମୋର ପ୍ରକାଶିତ। ଏହାବାଦ୍ ୧୫ଟି ଛାନ୍ଦ, ୫ଟି ଗଳ୍ପ ସଙ୍କଳନ, ୪ଟି ପ୍ରବନ୍ଧ ସଙ୍କଳନ, ୪୦ଟି କବିତା ସଙ୍କଳନ, ଦୂରଦର୍ଶନ ପ୍ରସାରିତ ୧୭ଟି ନାଟକ ମଧ୍ୟରେ ପାରିଜାତ ହରଣ, ଜିଅନ୍ତା ଶବ, ସୀତା ବନବାସ, ଦକ୍ଷଯଜ୍ଞ, ଅମର ବିଳାସ, ରୁକ୍ମିଣୀ ପରିଣୟ ଆଦି ରହିଛି। ସେହିପରି ବେତାର ନାଟକ ଭାବେ ଅନୁତପ୍ତ ସକାଳ, କଲିକତିଆ ବାବୁ, ପ୍ରଣୟମୁଦ୍ରିକା, ସୁନା ଶିକୁଳି, ସ୍ୱପ୍ନ ବଳୟ, ନାଗାର୍ଜୁନ, ଅଶାନ୍ତ ଉପତ୍ୟକା ଆଦି ୧୫ଟି ରହିଛି। ସମ୍ପାଦିତ ପୁସ୍ତକାବଳୀ ମଧ୍ୟରେ ନୀଳ ନଗରୀର ମାୟା, ସମ୍ପାଦିତ ପତ୍ରପତ୍ରିକା ମଧ୍ୟରେ ନବରବି, ଶୁଭଶ୍ରୀ, ଫୁଲଝରୀ, ଧାମରା, ଶତଶ୍ରୁ ଆଦି ରହିଛି। ସେହିପରି କେତୋଟି ହୋମିଓପାଥିକ ଚିକିତ୍ସାର ବୈଶିଷ୍ଟ୍ୟ ଓ ବୈଭବ ପୁସ୍ତକ ରଚନା କରିଛି। ସାଂଗଠନିକ ଭାବେ ଓଡ଼ିଆ ଯୁବ ଲେଖକ ସମ୍ମେଳନ, ଗୋଦାବରୀଶ ସାହିତ୍ୟ ସଂସଦ ଭୁବନେଶ୍ୱର, ସଭାପତି ଭାବେ କ୍ୟାପିଟାଲ ଥିଏଟର୍ସ, ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦିର ଦାୟିତ୍ୱ ତୁଲାଇଛି। ଅନେକ ବେତାର, ଦୂରଦର୍ଶନ ଓ ମଞ୍ଚରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଛି। ମୋତେ ଉତ୍କଳ ସାହିତ୍ୟ ସମାଜ ନାଟକ ସମ୍ମାନ -କଟକ, ଗୋକର୍ଣ୍ଣିକା ସମ୍ମାନ, ଓଡ଼ିଆ ଗୀତିକବି ସମ୍ମାନ, ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସମ୍ମାନ, ଶତାବ୍ଦୀର କଳାକାର ସମ୍ମାନ, ମାୟାଧର ମାନସିଂହ ସମ୍ମାନ -ଶ୍ୱେତ ସଙ୍କେତ ମଞ୍ଚ, ସୁଲେଖା ସମ୍ମାନ, ରାଜଧାନୀ ପୁସ୍ତକ ମେଳା ସମ୍ମାନ, କଳିଙ୍ଗ ପୁସ୍ତକ ମେଳା ସମ୍ମାନ, ଉପେନ୍ଦ୍ର ଭଞ୍ଜ ପୁରସ୍କାର ମିଳିଛି। ବିଭିନ୍ନ ସାହିତ୍ୟ ମଞ୍ଚ ଓ ସମ୍ମେଳନରେ ଅତିଥିଭାବେ ଯୋଗଦାନ ଦେଇଛି।

ଏମିତିରେ ସାହିତ୍ୟର ବିଭିନ୍ନ କ୍ଷେତ୍ରକୁ ନେଇ ସାହିତ୍ୟ ସାଧନା ହୁଏ, ଯାହା ପରବର୍ତ୍ତୀ ସମୟରେ ସମାଜ ପରିବର୍ତ୍ତନରେ ସହାୟକ ହୋଇଥାଏ।

-ବନବିହାରୀ ବେହେରା












**ପାର୍ବଣର ପ୍ରାର୍ଥନା ଏତିକି**
**ନାରୀ ଜଣେ**
**ଦେବୀ ପାଲଟି ଯିବାର ସ୍ୱପ୍ନ ଛାଡି ଦେଉ**
**ତା' ଭିତର ମାନବୀ ଜଣକ**
**ପ୍ରତିଭାତ ହେଉ ...**

# ସମର୍ପଣ

**– କିଶୋର ଆକାଶ୍**

ଆଜି ପବିତ୍ର ମହାଷ୍ଟମୀ । ଏଇ ଛୋଟ ସହରରେ ନିରବଚ୍ଛିନ୍ନଭାବେ ପଂଚସ୍ତରୀ ବର୍ଷ ଧରି ମା ଦୁର୍ଗାଙ୍କର କରାଯାଏ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା । ପ୍ରତିପଦାଠାରୁ ନବରାତ୍ରି ପୂଜା ଅନୁଷ୍ଠିତ ହୁଏ ରୀତିନୀତି ଅନୁସାରେ । ଏଥିପାଇଁ ସାଜସଜ୍ଜା–ତୋରଣ–ମଣ୍ଡପ ସବୁ ସଜାଯାଏ ମହାଆଡମ୍ବର ସହକାରେ । ସହରର ବଡ଼ ଔଷଧ ବ୍ୟବସାୟୀ ତଥା ଡନ୍ ବୁଲୁ ଭାଇଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କମିଟି ଗଠନ କରାଯାଇ ପୂଜା କରାଯାଏ ପ୍ରତିବର୍ଷ । ଦୁଇ ବର୍ଷ ହେଲା କରୋନା କଟକଣା ଯୋଗୁଁ ବିନା ବାହ୍ୟାଡମ୍ବରରେ କରାଯାଇଥିଲା ପୂଜାର୍ଚ୍ଚନା । ଏ ବର୍ଷ ଖୁବ୍ ଜାକଜମକରେ ପୂଜା କରାଯିବା ଲାଗି ସ୍ଥିର ହୋଇଛି । ହେଲେ ନକଲି ଔଷଧ ଧରପଗଡରେ ବୁଲୁଭାଇ ଫସି ଯାଇ ଜେଲ୍ ଯିବାରୁ ସବୁକିଛି ପାଣିଚିଆ ପାଣିଚିଆ ହୋଇଗଲା ଆୟୋଜନ । ତଥାପି କରିତ୍‌କର୍ମା ବୁଲୁଭାଇ ନିର୍ଦ୍ଦୋଷରେ ଖଲାସ ହୋଇଗଲେ ଖୁବ୍ ଅଳ୍ପ ଦିନ ଭିତରେ । ବୁଲୁ ଭାଇଙ୍କର ମୁକ୍ତି ପାଇଁ ପୂଜା କମିଟି ଅଷ୍ଟମୀରେ ବୋଦାଟିଏ ବଳି ଦେବେ ବୋଲି ମାନସିକ କରିଥିଲେ । ମାସେ ପୂର୍ବରୁ କଅଁଳ ବୋଦାଟିଏ କିଣି ଆଣି ରଖାଗଲା ବୁଲୁ ଭାଇ ଘରେ । ବୁଲୁ ଭାଇଙ୍କର ଛଅ ବର୍ଷିଆ ଟିକି ଝିଅ କୁନି ଏକାତ୍ମ ହୋଇଗଲା ତା'ସହ । ଅତି ନିବିଡେଇ ଆପଣେଇ ନେଲା ତା'କୁ । ମୁହୂର୍ତ୍ତେ ଅନ୍ତର ହେଲାନାହିଁ ତା'ଠାରୁ ଜମା । ଦୁହିଁଙ୍କର ପରସ୍ପର ପ୍ରତି ପ୍ରେମ ଥିଲା ସ୍ୱର୍ଗୀୟ । ତା'କୁ ସେ ନାଁ ଦେଇଥିଲା କୁନ୍‌ମୁନ୍ । ତା'କୋଳରେ ବାନ୍ଧି ଦେଇଥିଲା କଉଡିର ମାଳ । ପାଦରେ ଘୁଂଗୁର । ନିଜ ଜୀବନଠୁଁ ଅଧିକ ଭଲପାଉଥିଲା ତା'କୁ । ଅଷ୍ଟମୀ ଦିନ ଭୋର୍‌ରୁ ଘାତକ ନକୁଳ ଯିଏ ଥିଲା ରଜକ ସଂପ୍ରଦାୟର । ଟିକିଏ ଦେଶୀ ପିଇ ବୁଲୁଭାଇ ଘରୁ ବୋଦାଟିକୁ ଆଣିଲା । ପୂଜା ମଣ୍ଡପ ପଛପଟେ ବଡ଼ କାତିରେ ଚୋଟ ପକାଇବାକୁ ଯାଉଛି, କୋଉଠି ଥିଲା କୁନି କେଜାଣି ବୋଦାଟିର ବେକ ଉପରେ ନିଜ ବେକ ରଖିଦେଲା ନିମିଷକେ । ଉଦ୍ୟତ କାତି କେମିତି କେଜାଣି ଅକାମୀ ହୋଇଗଲା ସେହି ସମୟରେ । ସମସ୍ତେ ସ୍ତବ୍ଧ, ଚକିତ । ସମସ୍ତେ ଦେଖୁଥିଲେ ଭଲରେ କଥା କହି ପାରୁନଥିବା ଗୋଟେ ଅବୋଧ ଝିଅ ବୋଦା କୁନ୍‌ମୁନ୍ ବେକ ଉପରେ ନିଜ ବେକ ରଖି ଘାତକକୁ ଚାହିଁଛି ନିରୀହ ଭାବରେ । ଯେମିତି ସେ ଆଖି କହୁଛି– ହାଣିବୁ ପରା ହାଣୁନୁ !! ହାଉଳି ଖାଇ ଜନତାର ଭିଡ଼ ଭିତରୁ ଦୌଡ଼ି ଆସି ବୁଲୁ ଭାଇ କୁନି ସହ କୁନ୍‌ମୁନ୍‌କୁ ବି କୋଳକୁ ଭିଡି ନେଲେ ଲୁହଭର୍ତ୍ତି ଆଖିରେ ।

କୁନିର ସରଳ ନିଷ୍ପାପ ଆଖିରେ ଝଟକୁଥିଲା ଦଶଭୂଜା ଦୁର୍ଗାଙ୍କ କରୁଣା । ମାଆ ଯେ ସନ୍ତାନର ରକ୍ତ ଚାହାଁନ୍ତିନି କହିବାକୁ କୁନି ଦେହ ଓ ମନରେ ଭରି ଦେଇଥିଲେ ଯେମିତି ସେ ଅମାପ ଶକ୍ତି !!

*– ବ୍ରହ୍ମପୁର*
*ମୋ: ୯୮୧୦୭୬୨୯୭୬*

# ଟ୍ରାଫିକ୍ ପୋଷ୍ଟରେ ଦେବୀ

**–ଶ୍ରୀଗୋବିନ୍ଦ**

ଟ୍ରାଫିକ୍ ପୋଷ୍ଟରେ ଗାଡ଼ି ଅଟକେଇବା ବେଳକୁ ଛୋଟ ପିଲାଟିଏକୁ ଧରି ଛିଣ୍ଡା ଓ ମଇଳା ଲୁଗା ପିନ୍ଧିଥିବା ସ୍ତ୍ରୀ ଲୋକଟି ଖେଳନା ବିକୁଥିଲା । ମୋ ପୁଅର ଆଗ୍ରହ ଦେଖି ଗାଡ଼ିର ଗ୍ଲାସ୍ ଖସେଇଦେବାକୁ ସ୍ତ୍ରୀ କହିଲା । ମୁଁ ଖେଳନାଟି ମହିଳାଙ୍କ ହାତରୁ ଆଣି ଶହେ ଟଙ୍କା ବଢ଼େଇଦେଇଛି ତ ଟ୍ରାଫିକ୍ ଛାଡ଼ିଦେଇଥିଲା । ଦାମ କୋଡ଼ିଏ । ଶହେ ଟଙ୍କା ପାଣିରେ ପଡ଼ିଗଲା ବୋଲି ଭାବି ଗାଡ଼ି ଟ୍ରାଫିକ ପୋଷ୍ଟ ପାରି କରାଉଛି ତ ମିରରରେ ଦେଖିବା ବେଳକୁ ସ୍ତ୍ରୀ ଲୋକଟି ଗାଡ଼ି ପଛରେ ଦୌଡୁଛି । ଟିକେ ଆଗକୁ ଆସି ଗାଡ଼ି ରଖିଲି । ସ୍ତ୍ରୀ ଲୋକଟି ଅବଶିଷ୍ଟ ଟଙ୍କା ଫେରାଇଦେବା ବେଳକୁ ସେମିତି ଉପର ଦେଖାଣିଆ ଭାବରେ କହିଲି, ଦେଇ ନ ଥିଲେ କ'ଣ ଚଳି ନ ଥାନ୍ତା ? ସ୍ତ୍ରୀ ଲୋକଟି କହିଲା–ବାବୁ, ଏ ଖେଳନାର ମୂଲ୍ୟ ଏତେ ଟଙ୍କା ନୁହେଁ, ତା'ପରେ ଏହାକୁ ଆପଣଙ୍କ ପୁଅ ଚାହିଁଲେ ଗୋଟେ ଦିନରେ ବି ଭାଙ୍ଗିଦେବ । ଆପଣ ଚାହିଁଥିଲେ ତ ବଡ଼ ଦୋକାନରୁ ଦାମୀ ଖେଳନା କିଣିପାରିଥାନ୍ତେ ? କିନ୍ତୁ ମୁଁ ଓ ମୋ ପିଲା ଖାଇବାକୁ ଖେଳନା ବିକିବା କଥା କହିବାରୁ ଆପଣ ଖେଳନା କିଣିଲେ । ତା' ପରେ ଏ ଖେଳନା ଏତେ ଭଲ ନୁହେଁ କି ଦାମୀ ବି ନୁହେଁ । ଶହେଟଙ୍କା ଦେଇ କିଣିଥିବା ଖେଳନାକୁ ଆପଣଙ୍କ ପୁଅ ଧରୁ ଧରୁ ଭାଙ୍ଗି ଯାଇଥାନ୍ତା... ଆଉ କେବେ ମୋ ପାଖରୁ ଖେଳନା କିଣି ନ ଥାନ୍ତେ ? ଆପଣ ସିନା କିଣିଲେ, ଆମେ ଖାଇବାକୁ ପାଇବୁ । ଏଇ କଥା ପଦକ ମୋତେ ଏତେ ଭାବବିହ୍ୱଳିତ କଲା ଯେ, ମୋ ପୁଅ ମୁହଁକୁ ଚାହିଁଲି । ସେ ସ୍ତ୍ରୀଲୋକ କାଖରେ ଥିବା ପିଲାଟି କଥା ଆଖି ଆଗରେ ନାଚି ଉଠିଲା । ପୂଜାବଜାରର ଏତେ ଗହଳଚହଳ ଭିତରେ ଏମିତି ଜଣେ ଦେବୀଙ୍କ ପାଖରେ ମୁଣ୍ଡ ନଇଁଗଲା ।

*–ସାନମଞ୍ଚୁଆଘାଇ, ରାଜଘରପୋଖରୀ, ଭଦ୍ରକ,*
*ମୋ: ୭୦୦୮୯୧୩୫୮୯*





ଅନୁଷ୍କା ସେଟ୍ଟି

# ଯୋଗ ଟ୍ରେନରରୁ ଅଭିନେତ୍ରୀ

'ବାହୁବଳୀ' ଫେମ୍ ଅନୁଷ୍କା ସେଟ୍ଟି କେବେ କଳ୍ପନା କରି ନ ଥିଲେ ଯେ, ଦିନେ ସେ ଅଭିନୟ କରିବେ। ଭାରତ ଠାକୁରଙ୍କ ଯୋଗ ବିଦ୍ୟାଳୟରେ ସେ ଯୋଗ ଶିକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ସେ ଜଣେ ଯୋଗ ଟ୍ରେନର ଭାବେ କିଛି ଦିନ କାମ କଲେ। ଯେତେବେଳେ ତାଙ୍କୁ ଅଭିନୟ କରିବାକୁ ଅଫର ଆସିଲା ସେତେବେଳେ ସେ ବେଶ୍ ଚିନ୍ତା କରି ହଁ ଭରିଥିଲେ। ଅନୁଷ୍କାଙ୍କର ପ୍ରକୃତ ନାମ ଥିଲା ସ୍ୱିଟି। ସେ ଏକ ଅଡିସନ୍ ଦେଉଥିବା ବେଳେ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ତାଙ୍କ ନାମକୁ ପରିବର୍ତ୍ତନ କରି ଅନୁଷ୍କା ରଖିଥିଲେ। ଆଉ ତାଙ୍କ ଡେବ୍ୟୁ ଫିଲ୍ମ ଥିଲା ସୁପର୍। ପରେ ସେ ଗୋଟେ ପରେ ଗୋଟେ ଚଳଚ୍ଚିତ୍ର କରି ନିଜକୁ ଜଣେ ବିଶିଷ୍ଟ ଅଭିନେତ୍ରୀଭାବେ ପ୍ରମାଣିତ କରିଛନ୍ତି। ତେବେ 'ଅରୁନ୍ଧତୀ' ଫିଲ୍ମର ଶୁଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଏଥିରେ ଏକ ଗୀତ ସିକ୍ୱେନ୍ସର ଶୁଟିଂ ସମୟରେ ଅନୁଷ୍କା ହାତୀ ଉପରେ ଚଢ଼ିବାର ଥିଲା। ହେଲେ ତାଙ୍କୁ ଭୟ ଲାଗିଥିଲା। ବେଶ୍ କିଛି ସମୟର ଅଭ୍ୟାସ ପରେ ଏହି ଶଟ୍‌ଟି ଓକେ ହୋଇଥିଲା। ଆଉ ଏକ କଥା ସେ କୌଣସି ଲୋକକୁ ଅସୁବିଧାରେ ପଡିଥିବାର ଦେଖିଲେ ତୁରନ୍ତ ସାହାଯ୍ୟର ହାତ ବଢ଼ାଇଥାଆନ୍ତି। ଥରେ ଏକ ଫିଲ୍ମର ସାଥୀ କଳାକାର ଅସୁବିଧାରେ ପଡିଥିଲେ। ଏହି ସମୟରେ ଅନୁଷ୍କା ତାଙ୍କ ସାଇନିଂ ଆମାଉଣ୍ଟର ପ୍ରାୟ ୯୦ ପ୍ରତିଶତ ତାଙ୍କୁ ଦେଇ ଦେଇଥିଲେ।

# ତୋର ମୋର କଟି



ଶୀତଲ

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନିର୍ମିତ ହେଉଛି ଓଡ଼ିଆ ସିନେମା 'ତୋର ମୋର କଟି'। ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଏହାର କାହାଣୀ ଗତିଶୀଳ। ଅଭିନେତ୍ରୀରୁ ପ୍ରଯୋଜିକା ସାଜିଥିବା ଝିଲିକ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ଏହାର ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର-ଶୀତଲ ଯୋଡିକୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଶୈଳେନ୍ଦ୍ର, ଟୁକୁନା ଷ୍ଟାଇଲିସ୍, ସୁଦୀପ୍ତ, କାଳିଆ ଷଣ୍ଢ, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ଅନ୍ୟାନ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏହାବ୍ୟତୀତ ଏହି ବ୍ୟାନରରେ ଆଉ ଏକ ସିନେମା 'ପ୍ରିୟେ ତୁ ମୋର ସିଏ'ର ଶୁଟିଂ ମଧ୍ୟ ପ୍ରସ୍ତୁତ ହେଉଛି। ଏହାର ମୁଖ୍ୟ ଭୂମିକାରେ ଅମ୍ଲାନ, ଏଲିନା, ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପଥ୍ୱୀରାଜ ନାୟକ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଇଲୁ ବାନାର୍ଜୀ ପ୍ରମୁଖ ଅଭିନୟ କରୁଛନ୍ତି। ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ। ଏହାବ୍ୟତୀତ ପୂର୍ବରୁ ଝିଲିକ୍‌ଙ୍କ ପ୍ରଯୋଜିତ 'କିସ୍‌ମିସ୍' ରିଲିଜ ହୋଇସାରିଥିବା ବେଳେ 'ରୁଦ୍ରାଣୀ' ଏଥର ଦୀପାବଳିରେ ପରଦା ଉପରକୁ ଆସିବାର ଯୋଜନା ରହିଛି।

# ଷ୍ଟଣ୍ଟ କରିବେ ରିଚା

କଥାରେ ଅଛି ଅପେକ୍ଷାର ଫଳ ମିଠା। ଯାହାହେଉ ଏତେଦିନ ଧରି ଯେଉଁଥିପାଇଁ ସେ ଅପେକ୍ଷା କରିଥିଲେ ତାହାର ମଧୁର ସମାପ୍ତି ଘଟିଛି। ଅସଲ କଥା ହେଲା ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ରିଚା ଚଢ଼ାଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଷ୍ଟଣ୍ଟ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ରିଚା କହନ୍ତି, 'ମୋ ଭୂମିକାରେ କିଛି ଷ୍ଟଣ୍ଟ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ଏବେ ଜଣେ ଷ୍ଟଣ୍ଟ ମାଷ୍ଟରଙ୍କ ନିକଟରୁ ମୁଁ ଏ ନେଇ ଟ୍ରେନିଂ ନେଉଛି। କାରଣ ମୁଁ ଜାଣିଛି, ଏଭଳି ଶଟ୍ ଦେବା ସହଜ କଥା ନୁହେଁ। ଏହି ଫିଲ୍ମର କାହାଣୀ ଚୟନ ପରେ ଏବେ ମ୍ୟୁଜିକ ଶିଟିଂ ଚାଲିଛି। ପ୍ରାୟ ଏହି ବର୍ଷ ଶେଷ ଆଡକୁ ଏହାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି। ତେଣୁ ଏବେଠାରୁ ମୁଁ ନିଜକୁ ପ୍ରସ୍ତୁତ କରୁଛି।' ତେବେ ଏହି ଭୂମିକା ରିଚାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ୍ ହେଲେ ହିଁ ଜଣାପଡିବ।



ରିଚା

# ପ୍ରଥମେ ନା ପରେ ହଁ

ଏକ ଅଫର୍‌କୁ ନେଇ ହୁମା ଦୋଛକିରେ ପଡିଯାଇଛନ୍ତି। ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ସେ ଏଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଇଥିଲେ। ହେଲେ କିଛି ଦିନ ପରେ ସେ ନିଜ ନିଷ୍ପତ୍ତିକୁ ପୁଣି ଥରେ ତର୍ଜମା କରି ତାହାକୁ ବଦଳାଇବାକୁ ଠିକ୍ କଲେ। ତା'ପରେ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେବେଳେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲେ, ସେତେବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ଏ ନେଇ ହୁମା କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କଲି ସେତେବେଳେ ପୁଣି ଥରେ ମନ ବଦଳାଇଥିଲି। ହେଲେ ଯେତେବେଳେ ସେହି ଫିଲ୍ମରେ ଆକ୍ଟିଂ କରିବାକୁ ରାଜି ବୋଲି ପ୍ରଯୋଜନା ସଂସ୍ଥାକୁ ଜଣାଇଲି ସେତେବେଳେ ସବୁକିଛି ଶେଷ ହୋଇଯାଇଥିଲା। କାରଣ ମୁଁ ମନା କରିବା ପରେ ସେମାନେ ଆଉ ଜଣେ ନବାଗତାଙ୍କୁ ଏଥିପାଇଁ ସାଇନ୍ କରାଇ ସାରିଥିଲେ। ଏବେ କେବଳ ମୁଁ ସେଭଳି ଏକ ଅଫର୍ ହାତଛଡ଼ା କରିବା ପରେ ଅନୁତାପ ହିଁ କରୁଛି। ହେଲେ ପାରିଶ୍ରମିକ ପାଇଁ ମୁଁ ଅଫରକୁ ମନା କରିଛି ବୋଲି ଯାହା ଶୁଣାଯାଉଛି ତାହା ମିଛ।'




ହୁମା

# ପରିଣିତିଙ୍କ ଆଇସକ୍ରିମ ପାର୍ଟି

ପରିଣିତି ଚୋପ୍ରାଙ୍କ ଆଇସକ୍ରିମ ପାର୍ଟିକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ସେ ନିକଟରେ ଏକ ସର୍ଟ ଫିଲ୍ମର ଶୁଟିଂ ଶେଷ କରି ବିଦେଶରୁ ଫେରିଛନ୍ତି। ତେବେ ବିଦେଶ ଯିବା ପୂର୍ବରୁ ସେ ତାଙ୍କର କେତେ ଜଣ କ୍ଲୋଜ୍ ଫ୍ରେଣ୍ଡଙ୍କୁ ଏକ ଆଇସକ୍ରିମ ପାର୍ଟି ଦେବାକୁ ପ୍ରମିଜ କରିଥିଲେ। ଆଉ ଯେତେବେଳେ ସେ ଭାରତ ଫେରିଲେ ସେହି କଥାକୁ ଭୁଲି ନ ଥିଲେ। ଫେରିବାର ଦିନ କେଇଟା ପରେ ସେ ନିଜ ଘରେ ଏହି ପାର୍ଟି ଆୟୋଜନ କରିଥିଲେ। ଏ ନେଇ ପରିଣିତି କହନ୍ତି, 'ମୁଁ ଲଣ୍ଡନରେ ଏକ ସର୍ଟ ଫିଲ୍ମର ଶୁଟିଂ ପାଇଁ ଯାଇଥିଲି। ହେଲେ ତା'ପୂର୍ବରୁ ମୋର କେତେ ଜଣ ସାଙ୍ଗଙ୍କ ସହ ଭେଟ ହୋଇଥିଲା। କଥା ପ୍ରସଙ୍ଗରେ ମୁଁ ସେମାନଙ୍କୁ ଏକ ଆଇସକ୍ରିମ ପାର୍ଟି ଦେବି ବୋଲି କହିଥିଲି। ବାସ୍, ସେଠାରୁ ଫେରିବା ପରେ ମୁଁ ମୋ କଥା ରଖିଛି। ଏବେ ମୋ ହାତରେ ୨-୩ଟି ନୂଆ ଅଫର ରହିଛି। ସେଗୁଡିକ ବିଷୟରେ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି। କାରଣ ଏ କ୍ଷେତ୍ରରେ ତରବର ହେଲେ ସବୁ କିଛି ଅଡୁଆ ହୋଇଯିବ। ଆଉ ଗୋଟିଏ କଥା-ମୁଁ ଅଯଥାରେ ପୁଳାଏ ସିନେମା ସାଇନ୍ କରି ସଂଖ୍ୟା ବଢ଼ାଇବାକୁ ଚାହେଁନା।' ପରିଣିତିଙ୍କ ଅଭିନୀତ ବାୟୋପିକ୍ 'ସାଇନା' ଗତ ବର୍ଷ ରିଲିଜ ହୋଇଥିଲା। ଏବେ ତାଙ୍କ ନେଇ ନିର୍ମିତ 'କୋଡ୍ ନେମ୍ ତିରଙ୍ଗା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏହାବ୍ୟତୀତ ନିର୍ମାଣାଧୀନ 'ଉଞ୍ଚାଇ' ଏବଂ 'କ୍ୟାପସୁଲ ଗିଲ୍'ରେ ମଧ୍ୟ ସେ ଅଭିନୟ କରୁଛନ୍ତି।



ପରିଣିତି



'ଡକ୍ଟର ଜୀ' ଫିଲ୍ମରେ ଆୟୁଷ୍ମାନ

# ଡାକ୍ତର ଅବତାର

ଆୟୁଷ୍ମାନ ଖୁରାନା ଏବେ ଡାକ୍ତରୀ ପଢୁଛନ୍ତି। ଗାଇନୋକୋଲୋଜି ବିଭାଗରେ ସେ ଛାତ୍ର। ଯେତେବେଳେ ଏହି ଡିପାର୍ଟମେଣ୍ଟରେ ସମସ୍ତେ ଝିଅ ପିଲା, ସେମାନଙ୍କ ମଧ୍ୟରେ କେବଳ ଆୟୁଷ୍ମାନ ହିଁ ଜଣେ ପୁଅ। ହଁ, ଏ ବିଷୟରେ ଆହୁରି ସୂଚନା ଦେବା ପୂର୍ବରୁ ଅସଲ କଥା ଜଣାଇ ଦେବା ଠିକ୍ ହେବ। ଆୟୁଷ୍ମାନଙ୍କୁ ଖୁବ୍ ଶୀଘ୍ର ଦର୍ଶକ ଡାକ୍ତର ଭାବରେ ଦେଖିବାକୁ ପାଇବେ। ଅର୍ଥାତ୍, ଏଭଳି କଥାର ତାଙ୍କର ଅଭିନୟ ଜୀବନ ସହ ସଂଯୋଗ ରହିଛି। ଫିଲ୍ମଟିର ଟାଇଟଲ ରହିଛି 'ଡକ୍ଟର ଜୀ', ଯାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ। ଏଥିରେ ତାଙ୍କ ଚରିତ୍ରଟି ହେଲା ଉଦୟ ଗୁପ୍ତା। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରକୁଲ୍ ପ୍ରୀତ ସିଂ (ଶେଫାଳୀ ଶାହା)। ଅନ୍ୟପକ୍ଷରେ ଉକ୍ତ ସିନେମାରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି ଅନୁଭୂତି କାଶ୍ୟପ। ଏହାର ପ୍ରଥମ ଟ୍ରେଲର ଚଳିତ ମାସ ୧୪ରେ ରିଲିଜ ହେବ, ଯାହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଆୟୁଷ୍ମାନ। ଏହାପୂର୍ବରୁ ତାଙ୍କ ଅଭିନୀତ 'ଅନେକ' ରିଲିଜ ହୋଇଥିଲା। ତେବେ 'ଡକ୍ଟର ଜୀ'ରେ ଆୟୁଷ୍ମାନ-ରକୁଲ୍ ଯୋଡି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

# ଦରମା ଟଙ୍କା ନାନୀକୁ ଦେଇଥିଲି

## ପ୍ରଥମ ରୋଜଗାର



ସାହିତ୍ୟିକା ତଥା ଶିକ୍ଷାବିତ୍ ସୁଶ୍ରୀ ହରପ୍ରିୟା ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

୧୯୬୮ ମସିହାର କଥା । ସେତେବେଳେ ମୁଁ ଷଷ୍ଠରେ ପଢୁଥାଏ । ଘରେ ଆମେ ଚାରି ଭଉଣୀ, ଦୁଇ ଭାଇ, ବାପା, ମାଆ ଓ ଜେଜେ ମା' ଥାଉ । ଜେଜେବାପାଙ୍କର ମୃତ୍ୟୁ ହୋଇ ସାରିଥାଏ । ସିଂହଦ୍ୱାର ମେଘନାଦ ପାଚେରୀ ପାଖେ ଥାଏ ଆମର ଏକ ଖଇକୋରା ଭୋଗ ଦୋକାନ । ହଠାତ୍ ତାହା ଭାଙ୍ଗିଗଲା । କିଛି ଦିନ ପୂର୍ବରୁ ମୋର ସବା ବଡ଼ ଭଉଣୀର ବାହାଘର ହୋଇଥାଏ । ଝିଅ ବାହାଘରର ଚାପ ବାପାଙ୍କ ମୁଣ୍ଡରୁ ନ ଓହ୍ଲାଉଣୁ ଏପଟେ ଦୋକାନ ଭାଙ୍ଗିବାର ଦୁଃଖ ତାଙ୍କୁ ଖୁବ୍ ଅସ୍ତବ୍ୟସ୍ତ କରି ଦେଉଥିଲା । ବାପା ଆମର ଥିଲେ ବଧିର, ତା'ସାଙ୍ଗକୁ ପୁଣି ଖନେଇ ଖନେଇ କଥା କହୁଥିଲେ । ହେଲେ ଏହି ଭୋଗ ଦୋକାନ ପାଇଁ ମୋ ଜେଜେବାପା ମଦନ ମହାଜନ ଓ ବାପା ଖନା ମହାଜନଙ୍କର ସେବେ ଖୁବ୍ ନାଁ ଥାଏ । ଆମ ଦୋକାନରେ ଭଲ ବେପାର ହୁଏ । ମୋ ବୋଉ କହେ, ପ୍ରତିବର୍ଷ ରଥଯାତ୍ରା ସମୟରେ ଆମ ଦୋକାନରେ ଏତେ ଭୋଗ ବିକ୍ରି ହୁଏ ଯେ, ସେଥିରୁ ଯେଉଁ ପଇସା ଘରକୁ ଆସେ ଗୋଟିଏ ଝିଅର ବାହାଖର୍ଚ୍ଚ ସୁରୁଖୁରୁରେ ଉଠିଯିବ । ବୋଉର ଏଇ ବଡ଼ିମା ଭରା କଥା ଶୁଣି ଶୁଣି ଦୁଃଖ କଷ୍ଟରେ ସାତ ବର୍ଷ କେମିତି ବିତିଗଲା ଜଣାପଡିଲାଣି । ୧୯୭୫ରେ ବଡ ମଝିଆଁ ଭଉଣୀ ସିଟି ପାସ୍ କରି ଯେବେ ଚାକିରୀର ପ୍ରଥମ ଦରମା ୨୬୫ ଟଙ୍କା ପାଇଲା, ସେଦିନ ଘରେ ସମସ୍ତଙ୍କର ଖୁସି କହିଲେ ନ ସରେ । ଆମେ ମନେ ମନେ କେତେ କ'ଣ ଭାବି ଦେଇଥିଲୁ । ପଇସାକୁ ଏମିତି ଖର୍ଚ୍ଚ କରିବୁ, ସେମିତି ଖର୍ଚ୍ଚ କରିବୁ ବୋଲି । କିନ୍ତୁ ନାନୀର ଚିନ୍ତାଧାରା ଥିଲା ଟିକେ ଭିନ୍ନ । ସେ ଆମକୁ ବୁଝାଇଲା, ଏଥର ଆମକୁ ସଞ୍ଚୟ କରିବାକୁ ପଡ଼ିବ ତେଣୁ ଦେଖି ଚାହିଁ ଖର୍ଚ୍ଚ କରିବା । ତା'କଥା ଆମ ସମସ୍ତଙ୍କୁ ପସନ୍ଦ ବି ଆସିଲା ଆଉ ଆମେ ମାନିଥିଲୁ ମଧ୍ୟ । ଏମିତି ସମୟ ଗଡ଼ିବା ଭିତରେ ମୋର ବି.ଏ. ପଢା ସରିଗଲା । ବାଣୀବିହାରରେ ଏମ୍.ଏ. ପଢିବାକୁ ଇଚ୍ଛା ଥିଲା । କିନ୍ତୁ ମୋର ଆଦର୍ଶ ଗୁରୁମା ସୁଷମା ପାଣିଗ୍ରାହୀଙ୍କ ପରାମର୍ଶରେ ସିଟି କଲି । ସିଟିରେ ଭଲ ମାର୍କ ରଖି ପାସ୍ କରିବା ପରେ ୧୯୭୯ରେ ବ୍ରହ୍ମଗିରି କଠୁଆରେଡି ଉ.ପ୍ରା ସ୍କୁଲରେ ମୋତେ ଶିକ୍ଷୟିତ୍ରୀ ଚାକିରୀ ମିଳିଲା । ଦରମା ମାସକୁ ୩୧୫ଟଙ୍କା । ପ୍ରଥମ ମାସ ଦରମା ଯେବେ ପାଇଲି ମା' ରାମଚଣ୍ଡୀଙ୍କ ପାଖରେ ପ୍ରଥମେ ଦୀପଟିଏ ଜଳାଇଲି । ତା'ପରେ ସିଧା ଘରକୁ ଯାଇ ବଡ ମଝିଆଁ ନାନୀ ହାତରେ ପଇସା ଧରେଇ ଦେଇ ନିଃଶ୍ୱାସ ମାରି କହିଲି, "ଏଇ ନେ, ଏଥିରେ କେତେ ଟଙ୍କା ଅଛି ମୁଁ ଗଣିନି । ଚାକିରି ମୋର ପଇସା ତୋର । ତୁ ଯେମିତି ଚଳାଉଛୁ ଚଳା ।" ନାନୀ ମୋ କାନକୁ ଧରି କହିଲା, "ତୁ ତ ଭାରି ସିଆଣି । ମୋ ଉପରେ ସବୁ ବୋଝ ଲଦିଦେଇ ବାହାରେ ମାମଲତି କରିବୁ ଭାବିଛୁ ?" ସେଇ ଦିନଠୁ ଘରର ସବୁ ଦାୟିତ୍ୱ ଆମେ ଦୁହେଁ ବୁଝିଲୁ । ସେଥିପାଇଁ ଆମେ ଦୁହେଁ ବାହା ମଧ୍ୟ ହେଲୁନି । କିନ୍ତୁ ସେହି ନାନୀ ମୋତେ ଏକାକରି ୨୦୧୮ରେ ଆରପାରିକୁ ଚାଲିଗଲା । ତା'ପରେ ମୁଁ ଆଲମୀରା ଖୋଲି ପଇସା ଖର୍ଚ୍ଚ କରିବା ଶିଖିଲି । ତା'ପୂର୍ବରୁ ମୋତେ ଟଙ୍କା ଗଣି ଆସୁ ନଥିଲା । ଯଦି କେବେ ଗଣୁଥିଲି ତାହା ଭୁଲ୍‌ଭାଲ୍ ହୋଇ ଯାଉଥିଲା । ମୋ ନିଜ ଦରମା ବି କେତେ ପାଉଥିଲି ତାହା ବି ମୋତେ ଜଣା ନଥିଲା । ସବୁ କିଛି ସେଇ ନାନୀ ମୋର ବୁଝୁଥିଲା । ହେଲେ ଏବେ ସବୁକିଛି ବଦଳି ଯାଇଛି । ସେଦିନର ସେହି ବୋକି ଝିଅ ଏବେ ଘରର ଟ୍ରଷ୍ଟି ହୋଇ ସବୁ ଦାୟିତ୍ୱ ବୁଝୁଛି । ଆଉ ଏଥିପାଇଁ ମୋତେ ଯେ କେତେ କଷ୍ଟ ସହିବାକୁ ପଡୁଛି ତାହା କେବଳ ମୁଁ ହିଁ ଜାଣିଛି । ତେବେ ସେ ଯାହା ବି ହେଉ ମୋ ମତରେ, ଜୀବନର ପ୍ରଥମ ରୋଜଗାରର ସେହି ପୁଲକ ପ୍ରଥମ କବିତା ଲେଖାର ପୁଲକ ଓ ପ୍ରଥମ ପ୍ରେମର ପୁଲକ ପରି ସମାନ ନିଶ୍ଚୟ ।

# ସୁନ୍ଦରୀ ଆଖିରେ ଅନେକ କଥା, ନିମିଷକେ ଘୂରି ଯାଉଛି ମଥା

ସାଥୀ



**ପ୍ରଶ୍ନ-** ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି । ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି । କ'ଣ କରିବି ?

*-ସପନ କୁମାର, କେନ୍ଦ୍ରାପଡା*

**ଉତ୍ତର:** ଜଣେ ଅନାମିକା ନାୟିକା ପାଇଁ ଆପଣ ପାଗଳ । ଆପଣଙ୍କ ମନ ଭିତରେ ଢେ଼ଉ ଭାଙ୍ଗୁଥିବା କଥାଗୁଡିକ ମନ ଭିତରେ ହିଁ ରହିଯାଉଛି । ସୁନ୍ଦରୀ ଆଖିରେ ଅନେକ କଥା, ନିମିଷକେ ଘୂରି ଯାଉଛି ମଥା' । ଯଦି କେବେ ସେହି ସୁନ୍ଦରୀ ସହ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା'କୁ କହିଦିଅନ୍ତୁ । ଯଦି ସେହି କଥା ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ, ଯାହାକୁ ନେଇ ଆପଣ ଟେନ୍‌ସନରେ ଥିଲେ ତାହା ହୁଏତ ଦୂର ହୋଇଯିବ ।

**ପ୍ରଶ୍ନ-** ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି । ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ?

*-ରିତେଶ କୁମାର, ପୁରୀ*

**ଉତ୍ତର:** ସ୍ୱପ୍ନ ସୁନ୍ଦରୀର ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି । ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ । ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ । ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବେ ।

**ପ୍ରଶ୍ନ-** ଜଣକ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି । ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା । ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି । ମୁଁ ଏବେ କ'ଣ କରିବି ?

*-ବିଜୟ ପ୍ରହରାଜ, ବ୍ରହ୍ମପୁର*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା । ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି । ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି । ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ । କାରଣ ଆଗକକୁ ସେ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ ।

**ପ୍ରଶ୍ନ-** ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*-ଅଖିଳେଶ ସାହୁ, ଢେ଼ଙ୍କାନାଳ*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି । ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ । ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ । କଥାରେ ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା । ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ ।

**ପ୍ରଶ୍ନ-** ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲ ପାଏ । ଏହାଦ୍ୱାରା ଆମର ପ୍ରେମ ପ୍ରଭାବିତ ହେବନି ତ ?

*-ଅମର, ଭୁବନେଶ୍ୱର*

**ଉତ୍ତର:** ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ । କେତେକ ତାହାକୁ ସିରିୟସ୍‌ଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି । ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ । ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ମଜା ନେବା ଚେଷ୍ଟା କରନ୍ତୁ ।

"ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି । ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ । ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ ।"





# ଫେଷ୍ଟିଭ୍ ଲୁକ୍

**ପୂଜାପାର୍ବଣ ସମୟରେ ଶାଢ଼ି ପିନ୍ଧି କିପରି ସଜାଇ ହେଲେ ଆକର୍ଷଣୀୟ ଲୁକ୍ ପାଇହେବ ସେ ନେଇ ଅନେକଙ୍କର ଚିନ୍ତା ଥାଏ। ତେଣୁ ଏଠାରେ ସେମିତି କିଛି ସହଜ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଆପଣେଇ ପାରିଲେ ଲୁକ୍ ସୁନ୍ଦର ଦେଖାଯିବା ସହ ଅନ୍ୟମାନଙ୍କୁ ବି ଆକର୍ଷିତ କରିପାରିବେ...**

ଅଲ୍ ଟାଇମ୍ ସୋବର୍ ଲୁକ୍ ଦେଇଥାଏ ଶାଢ଼ି। କିନ୍ତୁ ପୂଜାପାର୍ବଣ ସମୟରେ କେଉଁ ଟାଇପ୍‌ର ଶାଢ଼ି ପିନ୍ଧିଲେ ଆରାମରେ ଫେଷ୍ଟିଭ୍ ଲୁକ୍ ପାଇହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

* **ଫ୍ଲୋରାଲ୍ ଶାଢ଼ି :** ଫ୍ଲୋରାଲ୍ ପ୍ରିଣ୍ଟ ବାଲା ଶାଢ଼ି କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୋଇ ନଥାଏ। ଏପରିକି ସେଲିବ୍ରିଟିଙ୍କ ଗହଣରେ ମଧ୍ୟ ଏହି ଶାଢ଼ିର ଚାହିଦା ଖୁବ୍ ରହିଥାଏ। ତେଣୁ ଫେଷ୍ଟିଭ୍ ସିଜିନ୍‌ରେ ଫ୍ଲୋରାଲ୍ ପ୍ରିଣ୍ଟର ଶାଢ଼ି ପିନ୍ଧିଲେ ଆରାମରେ ଗର୍ଜିୟସ୍ ଲୁକ୍ ପାଇହୁଏ।
* **ନାଲି ଓ ଧଳା ରଙ୍ଗର ଶାଢ଼ି:** ପାର୍ବଣ ଋତୁରେ ଖାସ୍‌କରି ଧଳା ଓ ନାଲି ରଙ୍ଗର ଶାଢ଼ି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷକ ଲାଗିଥାଏ। ଆଉ ଯଦି ଏହି ଶାଢ଼ିକୁ ବଙ୍ଗାଳୀ ଷ୍ଟାଇଲ୍‌ରେ ପିନ୍ଧି ମଥାରେ ଟିକେ ବଡ଼ ସାଇଜ୍‌ର ନାଲି ବିନ୍ଦି ଲଗାଇବା ସହ ହାଲ୍‌କା ମେକ୍‌ଅପ୍ ନିଆଯାଏ ତା'ହେଲେ ବି ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ।
* **ବାନ୍ଧେନୀ ଶାଢ଼ି:** ବାନ୍ଧେନୀ ଶାଢ଼ି ବି ପାର୍ବଣ ଋତୁରେ ପିନ୍ଧିବା ପାଇଁ ଏକ ଭଲ ଅପ୍ସନ ଅଟେ।
* **ପାଟ ଶାଢ଼ି:** ପୂଜାପାର୍ବଣ ସମୟରେ ପାଟ ଶାଢ଼ି ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ। ଏହି ଶାଢ଼ି ସାଙ୍ଗକୁ ଗହଣା ବି ବେଶ୍ ଭଲ ମାନେ। ତେଣୁ ଆପଣ ଚାହିଁଲେ ପାଟ ଶାଢ଼ିକୁ ମ୍ୟାଚ୍ କରି କାନ ଫୁଲ ହେଉ ଅବା ବେକରେ ନେକ୍‌ଲେସ୍ ପିନ୍ଧି ଆକର୍ଷଣୀୟ ଲୁକ୍ ପାଇପାରିବେ।
* **ସାଉଥ୍ କଟନ୍ ଶାଢ଼ି:** ପୂଜା ଅବସରରେ ସାଉଥ୍ କଟନ୍ ଶାଢ଼ି ବି ବେଶ୍ ଭଲ ମାନିଥାଏ। ମୁଣ୍ଡରେ ଗଜରା ସାଙ୍ଗକୁ ମଥାରେ ନାଲି ବିନ୍ଦି ତା'ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ନେଇ ଏହି ଟାଇପ୍‌ର ଶାଢ଼ି ପିନ୍ଧିଲେ ଫେଷ୍ଟିଭ୍ ଲୁକ୍ ପାଇବା ସହଜ ହୋଇଯାଏ।
* **ବାଟିକ୍ ପ୍ରିଣ୍ଟ ଶାଢ଼ି:** ଏହି ଟାଇପ୍‌ର ଶାଢ଼ିକୁ ପୂଜାପାର୍ବଣ ସମୟରେ ପିନ୍ଧିଲେ ଯେମିତି ସୁନ୍ଦର ଦେଖାଯାଇଥାଏ ସେମିତି କମ୍ଫଟେବଲ୍ ବି ଲାଗିଥାଏ। ମାର୍କେଟ୍‌ରେ ଏହାର ଅନେକ କଲର୍ ବି ମିଳିଥାଏ। ଖାସ୍ କରି ନାଲି ଓ ଧଳା ରଙ୍ଗର ଶାଢ଼ି ପୂଜାରେ ପିନ୍ଧିବା ପାଇଁ ବେଷ୍ଟ ହୋଇଥାଏ।

## କିଛି ଜରୁରୀ ଟିପ୍ସ

–ପୂଜାପାର୍ବଣ ସମୟରେ ଡାର୍କ କଲର୍ ତୁଳନାରେ ଯଦି ବ୍ରାଇଟ୍ କଲର୍‌ର ଶାଢ଼ି ପିନ୍ଧାଯାଏ, ତା'ହେଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

–ସେହିପରି ପିଙ୍କ୍ କିମ୍ବା ପିଚ୍ କଲର୍‌ର ହାଲ୍‌କା ଶେଡ୍ସ ବାଲା ଶାଢ଼ି ସାଙ୍ଗକୁ ଯଦି ସିଲ୍‌ଭର୍ ଅଥବା ପର୍ଲ ଜୁଏଲେରୀକୁ ମ୍ୟାଚିଂ କରି ପିନ୍ଧାଯାଏ, ତା'ହେଲେ ପୂଜାରେ ଭିନ୍ନ ଲୁକ୍ ମିଳିଥାଏ।

–ଏହି ଫେଷ୍ଟିଭ୍ ସିଜିନ୍‌ରେ ଶାଢ଼ି ସାଙ୍ଗକୁ ଯଦି ହାଲ୍‌କା ଜୁଏଲେରୀ ସହିତ ନ୍ୟୁଡ୍ ପିଙ୍କ୍ ମେକ୍‌ଅପ୍ ନିଆଯାଏ ତା'ହେଲେ ବି ଲୁକ୍ ବହୁତ ଭଲ ଦେଖାଯାଇଥାଏ।









## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ସୋନାଲୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ବିକେ ଗ୍ରାଫିକ୍ସ,ଖୋର୍ଦ୍ଧା

## ହାଃ ହାଃ

### ଖୁସି

ମଣ୍ଟୁ କଲେଜକୁ ଆସିବା ପରେ ବୟେଜ୍ କମନ୍ ରୁମ୍‌ରେ ଖୁସିରେ ଡେଉଁଥାଏ। ଏହା ଦେଖି ରାଜୁ: କ'ଣ ହେଲା କିରେ ଏତେ ଖୁସି ଜଣାପଡୁଛୁ ଯେ ?
ମଣ୍ଟୁ: ଆଜି ପ୍ରଥମ ଥର ପାଇଁ ଗୋଟେ ଝିଅ ମୋ ସହ କଥା ହେଲା।
ରାଜୁ: କ'ଣ କହିଲା କିରେ ?
ମଣ୍ଟୁ: ମୁଁ ବସ୍‌ରେ ଆସିବାବେଳେ ସୁନ୍ଦର ଝିଅଟିଏ ମୋ ପାଖକୁ ଆସି କହିଲା-ଏଠୁ ଉଠ, ଏଇଟା ଲେଡିଜ୍ ସିଟ୍।


### ବ୍ୟାଟେରୀ

ରାତିରେ ଶୋଇବାବେଳେ ସ୍ତ୍ରୀ ସ୍ୱାମୀଙ୍କୁ: ମୋ ମୋବାଇଲ୍‌ଟା ଟିକେ ଚାର୍ଜିଂରେ ବସେଇଦେଲ।
ସ୍ୱାମୀ: ରାତିରେ ଏମିତି ମୋବାଇଲ ଚାର୍ଜରେ ବସେଇ ଶୋଇବା ଠିକ୍ ନୁହେଁ। ମୋବାଇଲର ବ୍ୟାଟେରୀ ବ୍ଲାଷ୍ଟ ହେଇପାରେ।
ସ୍ତ୍ରୀ: ଆରେ ତମେ ଜମା ବ୍ୟସ୍ତ ହୁଅନି। ମୁଁ ମୋବାଇଲରୁ ବ୍ୟାଟେରୀ ବାହାର କରି ଅଲଗା ଯାଗାରେ ରଖି ଦେଇଛି।

### ନିଜ ଗୋଡ

ପାଠପଢୁ ନ ଥିବା ପୁଅକୁ ରାଗିକି ବାପା: ଜାଣିଛୁ ଆମେରିକାରେ ତ ୧୫ ବର୍ଷର ପିଲା ବି ନିଜ ଗୋଡରେ ଠିଆ ହୋଇଯାନ୍ତି।
ପୁଅ: ଏଥିରେ ଏତେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଆମ ଦେଶରେ ପରା ବର୍ଷକର ପିଲା ଠିଆ ହେବା ସହ ଦୌଡାଦୌଡି କରିପାରନ୍ତି।





# କନକ ଦୁର୍ଗା ମନ୍ଦିର

**ମା' କନକ ଦୁର୍ଗାଙ୍କୁ ସମର୍ପିତ ଏହି ମନ୍ଦିରଟି ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ଅବସ୍ଥିତ। ପ୍ରାକୃତିକ ବୈଭବଭରା ଉକ୍ତ ମନ୍ଦିରଟିର ଆଧ୍ୟାତ୍ମିକ ପରିବେଶ ଭକ୍ତଗଣଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଠାରେ ପୂଜା ପାଉଥିବା ମା' କନକ ଦୁର୍ଗା ପ୍ରତ୍ୟକ୍ଷ ଠାକୁରାଣୀ। ସେଥିପାଇଁ ଦେଶବିଦେଶରୁ ଭକ୍ତଗଣ ମା'ଙ୍କୁ ନିଜର ଗୁହାରି ଜଣାଇବାକୁ ଏଠାକୁ ଧାଇଁ ଆସିଥାନ୍ତି...**

ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ମା' ଦୁର୍ଗାଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ରହିଛି, ଯାହାର ନାଁ ହେଉଛି କନକ ଦୁର୍ଗା ମନ୍ଦିର। ଏହି ମନ୍ଦିରରେ ମା' ଦୁର୍ଗାଙ୍କର ଏକ ସ୍ୱରୂପ ମାତା କନକ ଦୁର୍ଗାଙ୍କୁ ପୂଜା କରାଯାଇଥାଏ। କୃଷ୍ଣା ନଦୀର ଅବବାହିକାରେ ଥିବା ଇନ୍ଦ୍ରକିଲାଦ୍ରୀ ନାମକ ଏକ ପାହାଡ଼ ଉପରେ ଏହି ମନ୍ଦିରଟିକୁ ନିର୍ମାଣ କରାଯାଇଛି, ତେଣୁ ଏଠାକାର ପ୍ରାକୃତିକ ପରିବେଶ ଲାଗିଥାଏ ବେଶ୍ ଆକର୍ଷକ। ତା'ଛଡ଼ା ଏଠାରେ ପୂଜା ପାଉଥିବା ମାତା କନକ ଦୁର୍ଗା ହେଉଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ। ସେଥିପାଇଁ ମା'ଙ୍କୁ ଦର୍ଶନ କରି ତାଙ୍କର ଆଶୀର୍ବାଦ ନେବାକୁ ତଥା ନିଜର ମନୋସ୍କାମନା ପୂରଣ କରିବାକୁ ଏଠାରେ ବର୍ଷସାରା ଭକ୍ତଗଣଙ୍କର ଗହଳି ଦେଖିବାକୁ ମିଳିଥାଏ।

### ମନ୍ଦିରକୁ ନେଇ ପୌରାଣିକ କଥା

ମା'ଙ୍କର ଏହି ମନ୍ଦିରଟି ଖୁବ୍ ପ୍ରାଚୀନ। ମାନ୍ୟତା ରହିଛି ଯେ, ଏଠାରେ ପୂଜା ପାଉଥିବା ମାତା କନକ ଦୁର୍ଗାଙ୍କର ପ୍ରତୀମା ହେଉଛି ସ୍ୱୟମ୍ଭୁ। ପୌରାଣିକ କଥା ଅନୁଯାୟୀ, ଦୁଷ୍ଟ ଶକ୍ତିକୁ ବିନାଶି ସଂସାରରେ ଶାନ୍ତି ବଜାୟ ରଖିବା ପାଇଁ ମା' ଏଠାରେ ଆର୍ବିଭୂତା ହୋଇଥିଲେ। ସେଥିପାଇଁ ମାତା କନକ ଦୁର୍ଗା ଜଣେ ପ୍ରତ୍ୟକ୍ଷ ଠାକୁରାଣୀ। ଭକ୍ତଟିଏ ନିଷ୍ଠାର ସହ ମା'ଙ୍କୁ ଆସି ଏଠାରେ ପୂଜିଲେ କୁଆଡ଼େ ତା'ର ସବୁ ମନୋସ୍କାମନା ପୂରଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ତା'ଛଡ଼ା ଏଠାରେ ମା'ଙ୍କୁ ଦର୍ଶନ କରିବା ପାଇଁ ଇନ୍ଦ୍ରଦେବତା ପ୍ରାୟତଃ ଆସୁଥିବାରୁ ତାଙ୍କରି ନାମାନୁସାରେ ଏହି ପାହାଡଟିର ନାମ ଇନ୍ଦ୍ରକିଲାଦ୍ରୀ ରଖାଯାଇଛି ବୋଲି ମାନ୍ୟତା ଅଛି।

### ମନ୍ଦିରର ଗଠନଶୈଳୀ


ମାତା କନକ ଦୁର୍ଗାଙ୍କର ଏହି ମନ୍ଦିରଟି ପାହାଡ ଉପରେ ରହିଥିବାରୁ ଏଠାକାର ପ୍ରାକୃତିକ ପରିବେଶ ବେଶ୍ ମନୋରମ ହୋଇଥାଏ। ଏଠାରେ କେବଳ ମା'ଙ୍କୁ ପୂଜା କରାଯାଇଥାଏ ତାହା ନୁହେଁ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ଏଠି ସ୍ୱତନ୍ତ୍ର ମନ୍ଦିରର ବ୍ୟବସ୍ଥା ରହିଛି। ତା'ଛଡ଼ା ସବୁଠାରୁ ବଡ଼ ଆକର୍ଷଣ ହେଉଛି ମାତାଙ୍କର ଏହି ମନ୍ଦିରର ଚୁଡ଼ା, ଯାହାକି ଦୂରରୁ ସୁନା ପରି ଚକ୍‌ଚକ୍ କରୁଥିବାର ଦେଖାଯାଏ। ଶୁଣିବାକୁ ମିଳେ ଯେ, ଏହି ମନ୍ଦିରକୁ କୁଆଡ଼େ ଭକ୍ତମାନେ ଅନେକ ଟଙ୍କା, ପଇସା, ସୁନାଗହଣା ଆଦି ଦାନ କରିଥାନ୍ତି।

### ଦୁଃସାହସିକ ପର୍ଯ୍ୟଟନର ମଜା

ଦୁଃସାହସିକ କ୍ରୀଡ଼ା ପାଇଁ ଏଠାରେ ଅନେକ ସୁବିଧା ରହିଛି। ଖାସ୍ କରି ଏହି ମନ୍ଦିରଟି ପାହାଡ ଉପରେ ରହିଥିବାରୁ ଏଠାରେ ଟ୍ରେକିଂ, ହାଇକିଂ ଆଦି ସୁବିଧାରେ କରି ହୋଇଥାଏ। ହେଲେ ବର୍ଷାଦିନେ ଏହି କ୍ରୀଡ଼ା ପାଇଁ ଟିକେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ଦଶହରା ସମୟରେ ଏଠାକୁ ଗଲେ ମନ୍ଦିରର ତଥା ମା'ଙ୍କର ଅପୂର୍ବ ସାଜସୃଙ୍ଗାର ଦେଖିବାର ସୁଯୋଗ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଏଠାକୁ ବସ୍ ହେଉ ଅବା ଟ୍ରେନ୍ କିମ୍ବା ବିମାନ ଯୋଗେ ଆରାମରେ ଯାଇ ମା'ଙ୍କ ମନ୍ଦିର ନିକଟରେ ପହଁଞ୍ଚିପାରିବେ।







# ଧୁନୁଚି ନୃତ୍ୟ




ସାରା ଦେଶରେ ଦଶହରା ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହେଉଥିଲେ ହେଁ, ପଶ୍ଚିମବଙ୍ଗର ଏହା ମୁଖ୍ୟ ପର୍ବ। ଏଠାରେ ମା' ଦୁର୍ଗାଙ୍କର ବହୁ ପୁରାତନ ପରମ୍ପରା ଦେଖିବାକୁ ମିଳେ। ସେଥିମଧ୍ୟରୁ ଗୋଟିଏ ହେଉଛି ଧୁନୁଚି ନୃତ୍ୟ। ଦୁର୍ଗା ପୂଜା ପଣ୍ଡାଲରେ ହେଉଥିବା ଏହି ନୃତ୍ୟକୁ ଦେଖିଲେ ସମସ୍ତଙ୍କ ନଜର ଅଟକିଯାଏ। କେବେ ଦୁଇ ହାତରେ ତ କେବେ ପାଟିରେ ଧୁନୁଚିକୁ ଧରି ନୃତ୍ୟ କରନ୍ତି ଉଭୟ ପୁରୁଷ ଓ ମହିଳା। ଧୁନୁଚିର ଉତ୍ତାପ, ସେଥିରୁ ନିର୍ଗତ ଧୁଆଁର ପ୍ରଭାବ ବି ପଡି ନ ଥାଏ ନୃତ୍ୟ କରୁଥିବା ମଣିଷ ଉପରେ। କାରଣ ମନରେ ତାଙ୍କର ଥାଏ ମା'ଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ। ବିନା ତାଲିମ୍‌ରେ ପରିବେଷଣ ହେଉଥିବା ଏହି ନୃତ୍ୟ ମନରେ ଉର୍ଜା ଭରିଥାଏ। ଶ୍ରଦ୍ଧା ଓ ପରମ୍ପରାର ଏକ ସୁନ୍ଦର ମିଶ୍ରଣ ହେଉଛି ଏହି ନୃତ୍ୟ।

ମାଟିରେ ତିଆରି ଧୁନୁଚି(ଝୁଣାଦାନୀ)ରେ ନଡିଆ କତା, ଜଳନ୍ତା କୋଇଲା, କର୍ପୁର ଓ କିଛି ହବନ ସାମଗ୍ରୀ ପକାଇ ଜଳାଯାଇ ଧୂଆଁ କରାଯାଇଥାଏ। ଆଉ ଶ୍ରଦ୍ଧାଳୁମାନେ ସେହି ଧୁନୁଚିରେ ଥିବା ମାଟିର ହ୍ୟାଣ୍ଡେଲକୁ ଧରି ଢୋଲ ନଗାଡାର ତାଳେ ତାଳେ ନୃତ୍ୟ ପରିବେଷଣ କରନ୍ତି। ଅପୂର୍ବ ସନ୍ତୁଳନର ଦୃଶ୍ୟ ଦେଖିବାକୁ ମିଳେ ଏହି ନୃତ୍ୟରେ। କିଏ ଦୁଇ ହାତରେ ଧୁନୁଚି ଧରି ବିଭିନ୍ନ ପ୍ରକାରର ହସ୍ତ ଚାଳନା କରି ନୃତ୍ୟ କରନ୍ତି ତ କିଏ ପାଟିରେ ଧୁନୁଚି ଧରି ପୁଣି କିଏ ଥୋଡି ଉପରେ ଧୁନୁଚିକୁ ସନ୍ତୁଳନ ରକ୍ଷା କରି ରଖି ନୃତ୍ୟ କରନ୍ତି। ବିଶ୍ୱାସ କରାଯାଏ ଏହି ନୃତ୍ୟ ମା' ଭବାନୀଙ୍କ ଶକ୍ତି ବୃଦ୍ଧି ପାଇଁ କରାଯାଇଥାଏ। ପୌରାଣିକ କଥା ଅନୁସାରେ ବଳଶାଳୀ ମହିଷାସୁରକୁ ମାରିବା ପାଇଁ କୌଣସି ଦେବତାଙ୍କ ପାଖରେ ଶକ୍ତି ନ ଥିଲା। ଏଣେ ମହିଷାସୁରର ଆତଙ୍କ ବଢି ବଢି ଚାଲିଥିଲା। ଏଥିରେ ସବୁ ଦେବଗଣ ଚିନ୍ତିତ ହୋଇପଡିଥିଲେ। ଆଉ ମା'ଙ୍କ ସ୍ତୁତି କରିଥିଲେ। ମା' ମହିଷାସୁରର ବଦ୍ଧ କରିବା ପାଇଁ ରାଜି ହୋଇଥିଲେ। କୁହାଯାଏ ମା' ଦୁର୍ଗା ମହିଷା ସୁରକୁ ବଦ୍ଧ କରିବା ପୂର୍ବରୁ ଧୁନୁଚି ନୃତ୍ୟ କରିଥିଲେ। ଆଉ ଏହାପରଠାରୁ ହିଁ ଧୁନୁଚି ନୃତ୍ୟର ପରମ୍ପରା ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି। ଦୁର୍ଗା ପୂଜାରେ ସପ୍ତମୀଠାରୁ ଆରମ୍ଭ କରି ନବମୀ ପର୍ଯ୍ୟନ୍ତ ସନ୍ଧ୍ୟା ଅଳତୀ ସମୟରେ ଧୁନୁଚି ନୃତ୍ୟ ପରିବେଷଣ କରାଯାଇଥାଏ।

# ସ୍କେଟିଂ କରୁଛି ଶୁଆ

ସ୍କେଟିଂ କରିବା ଆଦୌ ସହଜ କଥା ନୁହେଁ। ଖାଲ ଢିପ ରାସ୍ତା ସହ ଉଚ୍ଚା ନିଚ୍ଚା ର୍ୟାମ୍ପରେ ସ୍କେଟିଂ କରିବାବେଳେ ନିଜ ଭାରସାମ୍ୟ ରକ୍ଷା କରିବା ଜରୁରୀ ହୋଇଥାଏ। ଟିକେ ଏପଟ ସେପଟ ହେଲେ ଦୁର୍ଘଟଣା ହେବା ସୁନିଶ୍ଚିତ। ଏହାକୁ କରିବା ପାଇଁ ମଣିଷ ଦଶ ଥର ଭାବୁଥିବାବେଳେ ଶୁଆଟିଏ ଚମତ୍କାରଭାବେ ସ୍କେଟିଂ କରୁଥିବାର ଏକ ଭିଡିଓ ଏବେ ବେଶ୍ ଚର୍ଚ୍ଚାରେ ଅଛି। ନୀଳ ରଙ୍ଗର ଏଇ ଶୁଆଟିକୁ ତା'ର ମାଲିକାଣୀ ବେଶ୍ ଭଲଭାବେ ତାଲିମ୍ ଦେଇଛନ୍ତି। ଫଳରେ ସେ ଏକ ଛୋଟ ଖାଲ ଢିପ ଥିବା ର୍ୟାମ୍ପରେ ବେଶ୍ ଆରାମରେ ସ୍କେଟିଂ କରିପାରୁଛି। ଏଭଳି କଲାବେଳେ ଶୁଆଟି ନା ଡରୁଛି ନା ତା'ର ଭାରସାମ୍ୟ ବିଗୁଡିଛି। ବେଶ୍ ଆରାମରେ ସେ ପେସାଦାର ସ୍କେଟ ବୋର୍ଡର ପରି ସ୍କେଟିଂ କରୁଛି। ଶୁଆଟିର ମାଲିକାଣୀ କୁହନ୍ତି, 'ପଶୁପକ୍ଷୀଙ୍କୁ ଉଚିତ ତାଲିମ ଦେଲେ ସେମାନେ ମଣିଷ ପରି କାମ କରିପାରିବେ। ତେବେ ତାଙ୍କୁ ଏସବୁ ଶିଖାଇବାବେଳେ ଉପହାରସ୍ୱରୂପ ତାଙ୍କ ମନପସନ୍ଦର ଖାଦ୍ୟ ଦେଉଥିବେ। ଫଳରେ ସେମାନେ ଖୁସିରେ ଏସବୁ ଶିଖିବେ।





# (ଅ)ମଣିଷ ମର୍ଦ୍ଦିନୀ

## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

ନା' ଆଉ ଚଳିବନି ସେ ପୁରୁଣାକାଳିଆ ନିଶୁଆ ଜେଜେଙ୍କ ତଡାଧରା ନିଶାପ। ଏବେ ନୂତନପିଢ଼ିଙ୍କ ନୂଆ ଜମାନା । ଏଣିକି ପୁରୁଣା କମିଟି ଭଙ୍ଗାଯାଉ.. ନୂଆକମିଟି ଗଠନହେଉ । ନିଶୁଆଙ୍କ ତଡା ପଛକୁଯାଉ । ଏହା ଆମ ଯୁବ ସଙ୍ଘର ନିଷ୍ପତ୍ତି । ଏ କଥା ସିଧା ସିଧା ମିଟିଂରେ ଶୁଣେଇଦେଲେ ସିରିଆ ବାବୁ । ସ୍ୱାଇଁ ସା'ନ୍ତେ ନିଶୁଆ ମୁଖ୍ୟଙ୍କ ମୁହଁକୁ ଚାହିଁ ମତଲୋଡିଲେ । ନିଶୁଆ ଜେଜେ ମୁଣ୍ଡଟେକି କହିଲେ.. ହ ହଉ । କିଏ ମନାକଲା ? ସିରିଆ ବାବୁ କହିଲେ ତେବେ ପୁରୁଣା ମୁରବି ଇସ୍ତଫାଦେଇ ଜମା -ଖର୍ଚ୍ଚର ହିସାବ ବୁଝାନ୍ତୁ । ଗୋଟେ ବିଲୁଆ ହୁକେ ହୋ.. ଭୁକିଲେ ଅନ୍ୟମାନେ ପାଳିଧରି ରଡ଼ିଛାଡିଲାପରି, ଦଶ ପନ୍ଦର ଟୋକା ରାହା ଲଗେଇଲେ । ସିରିଆ ସାଙ୍ଗ ନରିଆ ଉଠି କହିଲା.. ଆପଣମାନେ ଢ଼େରଦିନ ରାଜୁତିକଲେ । ଏବେ ମଡର୍ଣ୍ଣଯୁଗ -ନୂଆ ଜମାନା । ଆମ ଯୁବଗୋଷ୍ଠୀଙ୍କୁ ଆଗକୁ ଛାଡ଼ନ୍ତୁ । ବୃଦ୍ଧଗଣ ବିଶ୍ରାମନିଅନ୍ତୁ । ଆଉ ଏଣିକି ସେ ଆଗର ପୁରୁଣା ଢଙ୍ଗର ପୂଜା ପ୍ରାର୍ଥନା, ଉପାସନା, ଭଜନଗାନ, ଖଞ୍ଜି ମୃଦଙ୍ଗ ଗିନିପିଟା କୀର୍ତ୍ତନ ଚଳିବନି । ସେଇଥିପାଇଁ ଆମେ ଚାରିମାସ ପୂଜାଆଗରୁ ଜରୁରୀ ମିଟିଂ ବସେଇଲୁ । ଏଣିକି ଆମେ ସବୁ କରିବୁ.. ତମେ ଖାଲି ଦେଖିବ ।

ଏଇବେଳେ କିଏ ଗୋଟେ ପାଟିକରି ପଚାରିଦେଲା.. କଣ ସତରେ ବିଶ୍ୱଯୁଦ୍ଧ ହେବ ? ନରିଆ କହିଲା.. ହେ ଚୁପ । ପାଟି ନକରି ଯାହା କହୁଛି ଶୁଣ । ସିରିଆ କହିଲା.. ରହିଯା ନରିଆ । ମୁଁ ଚୁମ୍ବକରେ ବୈଜ୍ଞାନିକ ପଦ୍ଧତିରେ ବୁଝେଇନଦେଲେ, ଏମାନେ ବୁଝିବେନି । ଶୁଣନ୍ତୁ ଆଜ୍ଞାମାନେ । ଆଉକଣ ସେକାଳ ପଖାଳ ଅଛି ? ଏବର ପଖାଳ ଷ୍ଟାରହୋଟେଲ, ଢ଼ାବାରେ ଚଢ଼ାଦାମରେ ବିକ୍ରିହେଲାଣି । ଆଉକିଏ ନଈ ପୋଖରୀ କୂଅପାଣି ପିଉଛି? ବରଂ ବୋତଲପାଣିକି ମିନେରାଲ ୱାଟରକହି କୋଡିଏ ତିରିଶିଦେଇ ପିଇବାକୁ ମନ ହାଇଁପାଇଁ ହଉଛି । ନଈ ପୋଖରୀ ପ୍ରଦୂଷଣଯୁକ୍ତ ନଇଲେ ଶୁଷ୍କ.. ଠିକ ଆପଣଙ୍କପରି । ସ୍ୱାଇଁ ସା'ନ୍ତେ ଦାନ୍ତ ନଥିବା ପାକୁଆପାଟିକି କଡ ମଡ଼କରି କଣ କହୁକହୁ ନିଶୁଆ ଜେଜେ ଅଟକେଇଦେଲେ । ସିରିଆ ବାବୁ ବୁଝେଇଲେ.. ଯେମିତି ମିନେରାଲ ୱାଟରରେ ମନବଳିଲାଣି, ଠିକ ସେମିତି ମଡର୍ଣ୍ଣ ପୂଜାପାଇଁ ସମସ୍ତଙ୍କ ଆଗ୍ରହ ବଢ଼ିଲାଣି । ଏବେ ମା 'ଙ୍କ ମୂର୍ତ୍ତି ହେବ ମଡର୍ଣ୍ଣ, ତା ସାଙ୍ଗକୁ ମେଢ଼ ମଡର୍ଣ୍ଣ, ସାଜ ସଜା, ଡିଜେ ବାଜା ମଡର୍ଣ୍ଣକୁ ପୂଜା, ଭୋଗ, ମନୋରଞ୍ଜନ ସବୁ ମଡର୍ଣ୍ଣ ହେବ। ଯାହାକି ଦିନେ କାଳେ ତମ ଆଖି ଦେଖିନଥିବ ।

ସ୍ୱାଇଁ ସା'ନ୍ତେ ଆଉ ନିଜକୁ କଣ୍ଟ୍ରୋଲ କରିନପାରି କଳରେ ଜାକିଥିବା



କଡାପାନକୁ ପାକୁଆପାଟିରେ ପାକୁଳେଇ ପଚାରିଲେ.. ହଇରେ ସିରିଆ ! ଏ ମଡର୍ଣ୍ଣ ମୂର୍ତ୍ତି ମଡ଼ର୍ଣ୍ଣ ଭୋଗ କଣ କିରେ ? ନରିଆ ଚିହିଁକେଉଠି କହିଲା.. ହଇହେ ମହାପୁରୁ ! ତେମେ କିଆଁ ଏତେ ବଜବଜ ହଉଛ କିହୋ ? ଚୁପଚାପ ବସୁନ। ପୂଜାହେଲାବେଳେ ଦେଖିବନି ? ନଈ ନଦେଖି ଆଗୁଆ ଖୋଲୁଛ କିଆଁ ? ସିରିଆ କହିଲା ... ଚୁମ୍ବକରେ କହୁଛି ଶୁଣ । ଆଜିକାଲି ସବୁଥିରେ ସମସ୍ତଙ୍କର ରୁଚି ବଦଳିଲାଣି । ଟୋକାଠୁ ବୁଢ଼ାଯାଏ ଘର ପଖାଳ ଛାଡି, ଗାଁ ସେମୁଣ୍ଡରେ ସୁରଟ ଫେରନ୍ତା ଗୋପିଆ ଦୋକାନରେ ଫାଷ୍ଟ ଫୁଡ.. ଚାଉମିନ୍, ନୁଡୁଲ୍, ମାଗି, ଇପି, ଇଡ଼ିଲି, ପାଓଭାଜି ଖାଇ, ଗିଲାସ ନୁହଁ ବୋତଲରେ ଯେମିତି ପାଣିପିଇବାକୁ ଭଲପାଇଲେଣି, ଠିକ ସେମିତି ମା' ଆଉ ତାଙ୍କ ମହିଷା, ପାର୍ଶ୍ୱ ଦେବଦେବୀଙ୍କର ମନବୋଲି କିଛି ଅଛି କି ନାହିଁ? ତାଙ୍କର ବି ଯୁଗଅନୁଯାୟୀ ରୁଚି କଣ ବଦଳିନାହିଁ? ସେଇ ଓଲ୍ଡ ମଡେଲ ପୂଜାହେଉଥିବ? ତମ ଝିଅ ବୋହୂ ଯେବେ ଶାଢୀ ଫୋପାଡ଼ି ସାଲୁଆର ପଞ୍ଜାବୀ କି ଟପ ଜିନ୍ସ ପିନ୍ଧି ବୁଲିଲେଣି,.. ଭାଗବତ ତୁଙ୍ଗିର ପୁରାଣ ଶ୍ରବଣ ଭଜନ କୀର୍ତ୍ତନ ଛାଡି ରଙ୍ଗୀନ ଟିଭିରେ ସିରିଏଲ ସିନେମା ଦେଖିବାକୁ ପସନ୍ଦକଲେଣି , ତେବେ ମା 'କାହିଁକି ମାନ୍ଧାତା ଅମଳିଆ ପୂଜାପାଇ ମନଖରାପ କରିବେ ? ଦେଖ, ଏଥର ଆଉସେ ଢୁଡାଘଷା ଚଳିବନି କି ବୁଦ୍ଦିପାଇଁ ଧନ୍ଦିହେଇ ଗୁଡ଼ିଆ ଖୋଜିବାକୁ ପଡ଼ିବନି । ଏଣିକି ଡ୍ରାଏ ଫୁଡ, ଡ୍ରାଏ ଫ୍ରୁଟ୍ସରେ ପୂଜାହବ । ବରଂ ପୂଜା ଟିକେ ସର୍ଟକଟରେ ହେଲେ ଚଳିବ, ମାତ୍ର ନାଚ ଗୀତ ଜମାଣିଆହେବ । ଆଉ ସେ ଲାଙ୍ଗୁଳି ଗାଉଁଲି ଓଡ଼ିଆଝିଅ ନୁହଁ । ଏବେ ରାଇଜ ବାହାରୁ ଆଇଟମ ଆଲବମ ଡ୍ୟାନ୍ସଗାର୍ଲ ଆସିବେ । ଭୋଜପୁରିଆ ନାଚ ନାଚି ମଞ୍ଚ କମ୍ପେଇବେ । ମନୋରଞ୍ଜନ, ଲାଇଟ ସାଉଣ୍ଡ, ଡେକୋରେସନରେ ଉଣାହେଲେ ଚଳିବନି । ହଉ ସେକଥା ଛାଡ । ହିସାବ ଦେଲ । କେତେ ଯାଇଛି... କେତେ ବଳକାଅଛି ? ଜେଜେ ଖାତା ପତର ହିସାବ ସ୍ୱାଇଁ ସା'ନ୍ତଙ୍କ ହାତକୁ ବଢେଇଦେଇ ନୀରବରେବସି ଗାମୁଛାରେ ଆଖି ନାକ ପୋଛୁଥିଲେ ।

ଟୋକାଏ ରଡ଼ିକରି କହିଲେ.. ଏବେଠୁ ସିରିଆ ଭାଇ ଆମ ନୂଆକମିଟିର ସଭାପତି, ଆଉ ନରିଆ ଭାଇ ସେକ୍ରେଟାରୀ ଘୋଷଣା କରାଗଲା । ଆପଣମାନେ ଧ୍ୱନି ମତରେ ସମର୍ଥନ ଦିଅନ୍ତୁ । ସଭାସ୍ଥାନ କମ୍ପମାନ ହୋଇ ଶୁଭିଲା .. ସିରିଆ -ନରିଆ ଜିନ୍ଦାବାଦ । ଜିନ୍ଦାବାଦ ଜିନ୍ଦାବାଦ । ନିଶୁଆ ଜେଜେ ହାତଯୋଡ଼ି କହିଲେ.. ଆଜିଠୁ ମୁଁ ମୋ ମୁରବିପଦରୁ ଇସ୍ତଫାଦେଲି । ଏଣିକି ଆମ ଏରିଆର ସବୁ ଭଲମନ୍ଦ, ପୂଜା ପର୍ବାଣୀ ନୂଆ ମୁରବି ବୁଝିବାକୁ ଦାୟିତ୍ୱ ଦିଆଗଲା । ସ୍ୱାଇଁ ସା'ନ୍ତେ ହିସାବ ବୁଝେଇଦେବେ । ଗଲାସନ ଖର୍ଚ୍ଚଯାଇ ହାତରେ ବଳକାଅଛି ସତୁରିହଜାରେ ନ' ଶହ ନବେଟଙ୍କା ।

ଧୁମଧାମରେ ଆଗେଇ ଚାଲିଥାଏ ପୂଜା । ବଳକାଟଙ୍କା ଛାଡି, ବିଭିନ୍ନ ଉପାୟରେ ଚାନ୍ଦା ଆଦାୟ ହୋଇଥାଏ ଦି'ଲକ୍ଷ ଷାଠିଏ ହଜାର । ମା'ପାଟଶାଢୀ ପିନ୍ଧିଆଉ ଏଥର ମଣ୍ଡପରେ ବିଜେକରିନାହାନ୍ତି । ଟେଲରଆସି ମାପନେଇ ତିଆରି କରି ମଡର୍ଣ୍ଣ ଡ୍ରେସ ପିନ୍ଧେଇ ଦେଇଛନ୍ତି । ପୂଜାମଣ୍ଡପରେ ଏକା ନନା ବସି ଘଣ୍ଟି ବଜେଇ ଯାହା ତୁନି ତୁନି ମନ୍ତ୍ର ପଢୁଛନ୍ତି । ବାକିସବୁ ମଞ୍ଚରେ ନାଚ ଗୀତରେ ମସଗୁଲ । ସ୍ୱାଇଁ ସା'ନ୍ତେ ଜେଜେଙ୍କୁ ପଚାରୁଛନ୍ତି... ଏ ପିଲାଙ୍କ ଦେହରେ କିଏ ବିଛୁଆତି ବୋଳିଛି ନା ଗରମପାଣି ପକେଇଛି ? ଏଗୁଡା ଏମିତି ଖୁରାଟେକି ଡେଇଁଛନ୍ତି କାହିଁକି? ତେଣେ ନରିଆ ଗପୁଛି ଏଇଥର ଆମ ପୂଜାଦେଖି ଧାଡ଼ିଆପଡା ମୋଜାର ଲୋକେ ଜଳୁଛନ୍ତି । ତାଙ୍କ ପୁରୁଣାକାଳିଆ ମେଢ଼ କେହିଦେଖି ନଯାଇ ସମସ୍ତେ ଆମରିଆଡେ ମୁହାଇଁଛନ୍ତି ।

ନବମୀ ରାତିରେ ଛତିଶଗଡରୁ ଆସିଥିବା ମାତାଲିଆ ଝିଅଙ୍କ ନାଚଦେଖି, ନନଭେଜ ଭୋଜିଖାଇ, ଆକଣ୍ଠପିଇ, ଯିଏ ଯୁଆଡେ ଶୋଇ ଯାଇଥିଲେ । ପାହାନ୍ତିଆ ପ୍ରହରରେ ପାଟି ଶୁଭିଲା.. ଗଲା ଗଲା ସବୁ ସରିଗଲା ପଡିଗଲା । ସମସ୍ତେ ଧାଇଁଆସି ଦେଖିଲେ ମଣ୍ଡପ ମଞ୍ଚରେ ନିଆଁଲାଗି ସବୁ ଜଳିଯାଇଛି । ମା' ବିବସ୍ତ୍ରା ହୋଇ ଯେମିତି ନାଲି ଆଖିକରି କହୁଛନ୍ତି.. ତମେ ପିନ୍ଧେଇଥିବା ନିର୍ଲଜିଆ ବସ୍ତ୍ରଠାରୁ ମୋର ଏଇ ସ୍ୱରୂପ ଥରେ ଦେଖିନିଅ । ମହିଷା ମରିବା ଆଗରୁ ଏଇ ରୂପ ତା'ର ମରିବା କାରଣ ଥିଲା । କେତେଦିନ ଆଉ ଆମ ନାଁରେ ପୂଜାର ବାହାନା କରି ନିଆଁସାଙ୍ଗେ ଖେଳିବ ?

ତେଣେ ମଞ୍ଚରେ ଥିବା ଲକ୍ଷାଧିକ ଟଙ୍କାର ଲାଇଟ୍ ସାଉଣ୍ଡ, ବାଜା, ସାଜସଜା ଧ୍ୱଂସ ହୋଇସାରିଥିଲା । ଜେଜେ ଲୁହଭରା ଆଖିରେ ସ୍ୱାଇଁ ସା'ନ୍ତେଙ୍କୁ କହୁଥିଲେ.. ହେଇ ଦେଖ.. ମା'ଙ୍କ ତ୍ରିଶୂଳ କେମିତି ମହିଷା ଛାତିରୁ ବାହାରି ଅଗ୍ନି ତ୍ରିଶୂଳର ରୂପନେଇ (ଅ )ମଣିଷଆଡକୁ ମୁହାଁଇଛି । ଆଉ ଏବେ ରକ୍ଷାନାହିଁ.. ବିକାଶ ଯେମିତି ବିନାଶ ଆଡକୁ ଯାଉଛି... ମତେ ଜଳଜଳ ହେଇ ଦୁଶୁଛି... ।


-ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଏକାନ୍ତରେ ବର୍ଷା

**ଶରତ କୁମାର ନାୟକ**
**ପ୍ରକାଶକ-ମିତା ବୁକ୍ସ, କଟକ**
**ମୂଲ୍ୟ-୧୨୦ଟଙ୍କା**


ଏକାନ୍ତରେ ବର୍ଷା କବି ଶରତ କୁମାର ନାୟକଙ୍କ କବିତା ପୁସ୍ତକ । ଏଥିରେ ୫୦ଟି କବିତା ସ୍ଥାନ ପାଇଛି। ଏଗୁଡିକ ଦାର୍ଶନିକତାର ମନୋଜ୍ଞ ବିଭୂତିରେ ପାଠକଙ୍କୁ ଛୁଇଁବାର ପ୍ରୟାସ କରିଛି। କବିତାଗୁଡିକ ପାଠକଲେ ତା ଭିତରେ ମିଳେ ଅପୂର୍ବ ଆନନ୍ଦ । ଏଠାରେ ଓଁକାର କବିତାକୁ ଉଦାହରଣ ଭାବେ ନିଆଯାଇ ପାରେ। ଏ ମନ ଆଉ ପ୍ରାଣ/ବିଚରନ୍ତି-ଉଲସନ୍ତି/ଖାସ୍ ତାରି ଲାଗି । ନା-ସେ ମନର, ନା-ପ୍ରାଣର । ସେ ଯେ ସ୍ୱୟଂ ବ୍ରହ୍ମ ଗୁଣାତୀତ ଓଁକାର । ଏଗୁଡିକୁ ପାଠ କଲେ ନିଶ୍ଚୟ ମିଳିବ ନିଆରା ଅନୁଭୂତି ଓ ଚିନ୍ତାଧାରା । ଏଗୁଡିକର ପ୍ରଶ୍ନାର୍ଥିମିତା ଖୁବ୍ ଚୁମ୍ବକୀୟ। ସେଥିପାଇଁ କବି କେତେବେଳେ ଆଦିବାସୀ ଜାଉ ମରାଣ୍ଡି, ପୁଣି ଆଉ କେତେବେଳେ ଦାନ ମାଝି କିମ୍ବା ଆତ୍ମହତ୍ୟା କରୁଥିବା ଚାଷୀ(ଆଶୀର୍ବାଦର ଶସ୍ୟଖଳା) ସମ୍ପର୍କରେ କହିଛନ୍ତି। ଆଶା ପୁସ୍ତକଟି ପାଠକୀୟତା ଲାଭ କରିବ।




### ରାଧାନାଥ ଓ ଗଙ୍ଗାଧର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
**ପ୍ରକାଶକ-ବିଦ୍ୟାପୁରୀ, ବାଲୁବଜାର, କଟକ**
**ମୂଲ୍ୟ-୧୦୫ଟଙ୍କା**


ରାଧାନାଥ ଓ ଗଙ୍ଗାଧର ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଆଲୋଚନା ପୁସ୍ତକ । ଏଥିରେ ରାଧାନାଥ ଓ ଗଙ୍ଗାଧରଙ୍କ କୃତୀ ଏବଂ ତାଙ୍କ ସମ୍ପର୍କବିଷୟରେ ୨୭ଟି ପ୍ରବନ୍ଧ ସ୍ଥାନ ପାଇଛି। ଏଥିରେ କବିବର ରାଧାନାଥ ରାୟ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମଧ୍ୟରେ ଥିବା ସାରସ୍ୱତ ସମ୍ପର୍କ ବିଷୟରେ ଅନେକ ଉଚ୍ଚ କୋଟିର ଆଲୋଚନା କରାଯାଇଛି। ରାଧାନାଥ ଗଙ୍ଗାଧରଙ୍କୁ ୪୮ଟି ପତ୍ର ଲେଖିଥିଲେ। ସେଗୁଡିକ ଅତି ସୁନ୍ଦର ଭାବେ ପୁସ୍ତକର ଶେଷ ଭାଗରେ ସ୍ଥାନିତ କରାଯାଇଛି। ରାଧାନାଥ ଓ ଗଙ୍ଗାଧରଙ୍କୁ କେନ୍ଦ୍ରକରି ଓଡ଼ିଆ ସାହିତ୍ୟରେ ଅନେକ ଆଲୋଚନା ହୋଇଛି, କିନ୍ତୁ ପ୍ରଫେସର ମେହେରଙ୍କ ଦୃଷ୍ଟିଭଙ୍ଗୀ, ଚିନ୍ତାଧାରା ଓ ଉଭୟଙ୍କ ଲେଖାର ଗଭୀର ଅନୁଶୀଳନ ଏହି ପୁସ୍ତକରେ ଦେଖିବାକୁ ମିଳେ। ପୁସ୍ତକଟି ପାଠକୀୟତା ଲାଭ କରିବ ବୋଲି ଆଶା ରହିଛି।




### ତୁମ କଥା ମୋ ଗପ

**ତପନ ପଟ୍ଟନାୟକ**
**ପ୍ରକାଶକ-ଡି.ଡି.ପ୍ରକାଶିନୀ**
**ତଳ ତେଲେଙ୍ଗା ବଜାର, କଟକ-୯**
**ମୂଲ୍ୟ-୧୦୦ଟଙ୍କା**

ତୁମ କଥା ମୋ ଗପ ତପନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ। ଏଥିରେ ୨୭ଟି ଗପ ପ୍ରକାଶିତ ହୋଇଛି। ଗଳ୍ପଗୁଡିକ କଳ୍ପନା ରାଜ୍ୟରେ ଜହ୍ନକୁ ଖୋଜୁ ଖୋଜୁ ଭେଟିଛନ୍ତି କଳା ବାଦଲକୁ। ଭିଜାମାଟିର ମୋହରେ ନିଜକୁ ହଜାଇ ଦେଇ ଅନ୍ୱେଷଣ କରିଛନ୍ତି ଆମ୍ ପ୍ରତ୍ୟୟକୁ। ଯାହା ଗଳ୍ପଗୁଡିକରେ ପ୍ରତିଫଳିତ । ଅବିରର ରଙ୍ଗଠାରୁ ଆରମ୍ଭ କରି ଶବ୍ଦର ସଂସାର ପର୍ଯ୍ୟନ୍ତ ଗଳ୍ପର ସମାହାରରେ ବର୍ଣ୍ଣିଳ। ସ୍ୱର୍ଗୀୟ ଓ ଶାଶ୍ୱତ ସତ୍ତାରେ ପରିପୂର୍ଣ୍ଣ ଏହି ଗଳ୍ପଗୁଡିକ ଜୀବନର ସତ୍ୟ, ମୂଲ୍ୟବୋଧ ଓ ଚେତନାର ଉତ୍ତରଣରେ ଉତ୍ତୀର୍ଣ୍ଣ ହୋଇଥିବା ମନେହୁଏ। ବଣରେ ଫୁଟି ଝଡି ପଡୁଥିବା ଅମୃତର ସନ୍ତାନମାନଙ୍କୁ ଆଲୋକ ଦେଖାଇବାକୁ ଲେଖକ ସଦା ସଚେତନ। ଆଶା ଓ ବିଶ୍ୱାସ ସଂକଳନଟି ପାଠକଙ୍କ ମନକୁ ନିଶ୍ଚୟ ଛୁଇଁବ।




# ଶରୀର କାର୍ଟୁନମୟ

କୁହାଯାଏ ଯଦି କୌଣସି ଜିନିଷକୁ ଭଲ ପାଉଛ ତ ପୁରା ହୃଦୟର ସହ ଭଲ ପାଅ। ବୋଧହୁଏ ଏଇ କଥାକୁ କାନାଡାର ଜଣେ ବ୍ୟକ୍ତି ବେଶ୍ ଗୁରୁତ୍ୱର ସହ ନେଇଯାଇଛନ୍ତି। ସେଥିପାଇଁ ତ ପିଲାଦିନୁ କମିକ୍ସ ପ୍ରତି ଥିବା ତାଙ୍କର ଭଲ ପାଇବାକୁ ସେ ନିଜ ଶରୀରରେ ଉତାରି ଦେଇଛନ୍ତି। ଅର୍ଥାତ୍ ସେ କମିକ୍ସକୁ ଏତେ ଭଲ ପାଆନ୍ତି ଯେ, ତା'ର ଚରିତ୍ରଗୁଡିକର ଟାଟୁ ସାରା ଶରୀରରେ କରି ଦେଇଛନ୍ତି। ଫଳରେ ତାଙ୍କ ନାମ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଆଉ ତାଙ୍କୁ ମାର୍ବଲ ସୁପର୍ ଫ୍ୟାନ୍ ବୋଲି ବି କୁହାଯାଉଛି। ସେ ହେଉଛନ୍ତି ୩୬ ବର୍ଷୀୟ ଯୁବକ ରିକ୍। ସେ ନିଜ ଶରୀର ସାରା ମାର୍ବଲ କମିକ୍ସର ବିଭିନ୍ନ ଚରିତ୍ରର ଟାଟୁରେ ଭର୍ତ୍ତି କରି ପାଇଛନ୍ତି ଏକ ଭିନ୍ନ ପରିଚୟ। ୨୦୧୧ରେ ରିକ୍ ପ୍ରଥମ ଟାଟୁ ନିଜ ବାହୁରେ କରାଇଥିଲେ। ତାହା ଥିଲା ଏକ ସ୍ପାଇଡର୍‌ମ୍ୟାନ୍ ଟାଟୁ। ଏହାପରେ ସେ ଗୋଟିଏ ପରେ ଗୋଟିଏ ଟାଟୁ କରାଇବାକୁ ଲାଗିଲେ। ଏବେ ତାଙ୍କ ଶରୀରରେ ୩୧ଟି ମାର୍ବଲ କାର୍ଟୁନ କ୍ୟାରେକ୍ଟରର ଟାଟୁ ଅଛି। ଯେଉଁଥିରେ ରହିଛି କ୍ୟାପ୍ଟେନ ଆମେରିକା, ଲୋକି, ଥର୍, ସ୍ପାଇଡରମ୍ୟାନ୍ ଭଳି ଅନେକ କାର୍ଟୁନ ଚରିତ୍ର। ଆଉ ଏସବୁକୁ କରାଇବା ପାଇଁ ତାଙ୍କୁ ୩୫୦ ଘଣ୍ଟା ସମୟ ଲାଗିଥିଲା।



ବ୍ୟାକ୍ ପେଜ୍



# ଧାନକ୍ଷେତରେ କଳାକୃତୀ



କଳାକାରକୁ ନିଜ ପ୍ରତିଭାର ପରିପ୍ରକାଶ ପାଇଁ କେବଳ କାନ୍‌ଭାସ୍ କି ରଙ୍ଗ ତୂଳୀର ଆବଶ୍ୟକତା ପଡେନା। ନିଜ କଳାର ପ୍ରଦର୍ଶନ ପାଇଁ ସେ ଯେକୌଣସି ମାଧ୍ୟମକୁ ବି ଆପଣେଇପାରେ। ଯାହାର ପ୍ରମାଣ ଜାପାନର ଧାନ କ୍ଷେତକୁ ଦେଖିଲେ ମିଳିଯାଏ। ଏଠାକାର କିଛି କୃଷକ କେବଳ ଧାନ ଚାଷ କରି ନ ଥାଆନ୍ତି ବରଂ ସେହି କ୍ଷେତକୁ ଖୁବ୍ ସୁନ୍ଦରଭାବେ ସଜାଇଥାଆନ୍ତି ମଧ୍ୟ। ସେମାନେ ନିଜ ଚାଷ ଜମିରେ ବିଭିନ୍ନ କିସମର ଧାନଗଛକୁ ଏଭଳି ଭାବେ ଲଗାଇଥାନ୍ତି ଯେ, ତାହା ବଡ ହେବା ପରେ ଗୋଟେ ଗୋଟେ ସୁନ୍ଦର ପୋର୍ଟ୍ରେଟ୍‌ରେ ପରିଣତ ହୋଇଯାଏ। ମୋନାଲିସାଠୁ ଆରମ୍ଭ କରି ମର୍ଲିନ ମୋନରୋ, ପୁଣି ଜାପାନ ପରମ୍ପରା ସଂସ୍କୃତି ସହ ଜଡିତ ଅନେକ କଥାବସ୍ତୁର ଚିତ୍ର ଏଇ ଧାନ କ୍ଷେତରେ ଦେଖିବାକୁ ମିଳେ। ଲାଗେ ସତେ ଯେମିତି କୃଷକଙ୍କ ପାଇଁ ତାଙ୍କ ଧାନ କ୍ଷେତ ପାଲଟିଛି ବିରାଟକାୟ କାନ୍‌ଭସ୍। ଖାସ୍‌କରି ଜାପାନର ଆମୋମୋରୀ ପ୍ରାନ୍ତସ୍ଥ ଇନକାଦତେ ଗାଁରେ ଏଭଳି କଳାକୃତୀସବୁ ଦେଖିବାକୁ ମିଳେ। ଏହି ମାଷ୍ଟର ପିସ୍‌ଗୁଡିକୁ ସେମାନେ ୭ଟି ଅଲଗା ଅଲଗା ପ୍ରକାରର ଧାନ ଲଗାଇ ତିଆରି କରିଥାନ୍ତି। ଆଉ ଯେତେବେଳେ ପବନ ହୁଏ କ୍ଷେତ ଲାଗେ ସତେ ଯେମିତି ତାହା କୌଣସି ଏକ ଥ୍ରୀଡି ମାଷ୍ଟରପିସ୍। ଏହି ସୁନ୍ଦର ଦୃଶ୍ୟକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଏଠାକୁ ଆସନ୍ତି।



# ଦେବୀ ମା'ଙ୍କୁ ଚପଲ, ଟୋପି ଉପହାର

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳସ୍ଥିତ କୋଲାର ଅଞ୍ଚଳର ଏକ ଛୋଟ ପାହାଡ ଉପରେ ଅଛି ମା' ଦୁର୍ଗାଙ୍କର ଏକ ମନ୍ଦିର। ଯାହା 'ସିଦ୍ଧଦାତ୍ରୀ ପହାଡାବାଲା' ମନ୍ଦିର ନାମରେ ପରିଚିତ। ତା'ସହ କେହି କେହି ଉକ୍ତ ମନ୍ଦିରକୁ 'ଜୀଜୀବାଈ' ମନ୍ଦିର ବି କୁହନ୍ତି। ଏହି ମନ୍ଦିରକୁ ଭକ୍ତମାନେ ବିଭିନ୍ନ ସ୍ଥାନରୁ ଆସି ବିଭିନ୍ନ ମାସିକ ରଖିଥାନ୍ତି। ଆଉ ମାନସିକ ପୂରଣ ହେଲାପରେ ସେମାନେ ମା' ଦୁର୍ଗାଙ୍କୁ ଚପଲ ଉପହାରସ୍ୱରୂପ ଦେଇଥାନ୍ତି। ଚପଲ ସହ ଖରାଦିନେ ଭକ୍ତମାନେ ମା'ଙ୍କୁ ଚଷମା, ଟୋପି ଓ ଘଣ୍ଟା ବି ଉପହାସ୍ୱରୂପ ପ୍ରଦାନ କରନ୍ତି। ଏହି ନିଆରା ପରମ୍ପରା ଦୀର୍ଘ ୨୦ ବର୍ଷ ଧରି ଚାଲି ଆସୁଛି। ତେବେ ଆପଣମାନେ ଭାବୁଥିବେ ସାଧାରଣତଃ ମନ୍ଦିର ଭିତରକୁ ଚପଲ ପିନ୍ଧିକି ଯିବା ମନା ହୋଇଥାଏ। ଆଉ ଏଠାରେ କିଭଳି ଉପହାରସ୍ୱରୂପ ମା' ଚପଲ ପ୍ରଦାନ କରାଯାଉଛି ? ତେବେ ଏହା ପଛର କାହାଣୀ ହେଉଛି ଯେ, ଓମପ୍ରକାଶ ମହାରାଜ ନାମକ ଜଣେ ବ୍ୟକ୍ତି ଏଠାରେ ମା'ଙ୍କର ମୂର୍ତ୍ତି ସ୍ଥାପନ କରିଥିଲେ। ତା'ସହ ଶିବ ପାର୍ବତୀଙ୍କର ବିବାହ କରାଇ ନିଜେ କନ୍ୟାଦାନ ବି



କରିଥିଲେ। ସେବେଠାରୁ ସେ ସିଦ୍ଧଦାତ୍ରୀ ମା'ଙ୍କୁ ନିଜ ଝିଅ ମନେକରି ପୂଜା କରିଆସୁଛନ୍ତି। ଆଉ ସବୁ ବାପାଙ୍କ ପରି ଝିଅର ସବୁ ଇଚ୍ଛା ସେ ପୂରଣ କରୁଛନ୍ତି। ସବୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଛନ୍ତି ଓ ତାଙ୍କର ବହୁତ ଯତ୍ନ ବି ନେଉଛନ୍ତି। କେତେବେଳେ ଯଦି ତାଙ୍କୁ ଆଭାସ ହୁଏ ମା' ସିଦ୍ଧଦାତ୍ରୀ ପିନ୍ଧିଥିବା ପୋଷାକରେ ସନ୍ତୁଷ୍ଟ ନୁହନ୍ତି ସେ ସଙ୍ଗେ ସଙ୍ଗେ ତାକୁ ବଦଳାଇ ଦିଅନ୍ତି। ଖାଲି ଯେ, ସେ ମା'ଙ୍କୁ ନିଜ ଝିଅ ଭାବି ସବୁ ଜିନିଷ ଦିଅନ୍ତି ତାହା ନୁହେଁ ଭକ୍ତମାନେ ମଧ୍ୟ ମା'ଙ୍କୁ ଚପଲଠୁ ଆରମ୍ଭ କରି ଚଷମା, ଟୋପି ଆଦି ଉପହାର ପ୍ରଦାନ କରନ୍ତି। ଅନେକ ବିଦେଶୀ ଭକ୍ତ ମଧ୍ୟ ମା'ଙ୍କ ପାଇଁ ଚପଲ ପଠାଇଥାନ୍ତି। ତେବେ ମା'ଙ୍କୁ ଚପଲ ଚଢାଯିବାର ଦିନକ ପରେ ସେଗୁଡିକୁ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥାଏ।